ସାପ୍ତାହିକ ସ୍ୱୀକାର

Postal Regd. No.: SBP/RN-01/2022-2024

The Sweekar स्वीकार

www.sweekarweekly.com

ପ୍ରତିଷ୍ଠାତା ସମ୍ପାଦକ : ୰ ଶରତ ନାରାୟଣ ବେହେରା

RNI No. 66443/94

Vol.27 | Issue - 49 | 3 - 9 December 2023 | Sambalpur | Page- 8 | Invitation Price Rs.10

# ପ୍ରଧାନମନ୍ତ୍ରୀଙ୍କ ଜନ କଲ୍ୟାଣ ପାଇଁ ୧୦୦ କୋଟି ଟଙ୍କା ଦାନ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିଜ ବେତନ, ଉପହାର ନିଲାମରୁ ସଂଗୃହିତ ଅର୍ଥ ଏବଂ ତାଙ୍କୁ ପୁରସ୍କାର ଆକାରରେ ମିଳିଥିବା ଅର୍ଥରୁ ସଂଚୟ କରିଥିବା ୧୦୦ କୋଟିରୁ ଅଧିକ ଟଙ୍କା ଜନକଲ୍ୟାଣ ଭଳି ମହତ୍ କାର୍ଯ୍ୟ ପାଇଁ ଦାନ କରିଛନ୍ତି । ଏଭଳି ମହାନ୍ ଚିନ୍ତାଧାରାକୁ ଜାରି ରଖି ଅକ୍ଟୋବର ୨ ତାରିଖରୁ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଉପହାର ଗୁଡିକର ଇ-ନିଲାମୀ ଆରମ୍ଭ ହୋଇଛି ।

ତାଙ୍କ ୨୨ ବର୍ଷର ସାଧାରଣ ଜୀବନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କେବଳ ରାଷ୍ଟ୍ରର ସେବା ପାଇଁ ଉତ୍ସର୍ଗୀକୃତ ନ ଥିଲେ ବରଂ ବାସ୍ତବରେ ତାଙ୍କ ସଂକଳ୍ପ ଅନୁଯାୟୀ ରାଷ୍ଟ୍ର ଅବିଶ୍ରାନ୍ତ ଓ ଉଦାର ଭାବେ କାର୍ଯ୍ୟ କରୁଛନ୍ତି ଏବଂ ମା' ଗଙ୍ଗାଙ୍କ ସେବା ପାଇଁ ଉପହାରଗୁଡିକର ନିଲାମରୁ ପ୍ରାପ୍ତ ଅର୍ଥକୁ ଦାନ କରି ଦେଇଛନ୍ତି । ଅକ୍ଟୋବର ୨ ତାରିଖରେ ଆରମ୍ଭ ହୋଇଥିବା ଏହି ନିଲାମୀ ପ୍ରକ୍ରିୟାର ପଂଚମ ସଂସ୍କରଣରେ ୯୧୨ଟି ଉପହାର ଏବଂ ଅଙ୍ଗବସ୍ତ୍ର ସାମିଲ ଥିଲା । ପୂର୍ବର ୪ଟି ସଂସ୍କରଣରେ, ୭୦୦୦ରୁ ଅଧିକ ସାମଗ୍ରୀ ଇ- ନିଲାମୀ ପାଇଁ ରଖାଯାଇଥିଲା । ଜାନୁଆରୀ ୨୦୧୯ରେ ପ୍ରଥମ ନିଲାମୀ ଆରମ୍ଭ ହୋଇଥିଲା । ଗତ ଚାରିଟି ସଂସ୍କରଣର ନିଲାମରୁ ସଂଗୃହୀତ ପ୍ରାୟ ୩୮ କୋଟି ଟଙ୍କା ଗଙ୍ଗା ନଦୀର ସଫେଇ କାର୍ଯ୍ୟ ପାଇଁ 'ନମାମି ଗଙ୍ଗେ' ପ୍ରକଳ୍ପ ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯାଇଛି । କେନ୍ଦ୍ର ସରକାରଙ୍କ ଏହି ପ୍ରମୁଖ ପଦକ୍ଷେପ ଜାତୀୟ ନଦୀ ଗଙ୍ଗାର ସଂରକ୍ଷଣ ଏବଂ ଏହାର ସମ୍ବେଦନଶୀଳ ପରିବେଷ୍ଟନୀତନ୍ତ୍ରକୁ ପ୍ରୋତ୍ସାହିତ କରିବା ପାଇଁ ଉତ୍ସର୍ଗୀକୃତ । ନିଲାମରୁ ସଂଗୃହୀତ ଅର୍ଥ ନମାମି ଗଙ୍ଗେ କାର୍ଯ୍ୟକ୍ରମକୁ ସମର୍ଥନ କରିବା ସହ ଏକ ମହତ୍ କାର୍ଯ୍ୟ ପାଇଁ ବ୍ୟବହୃତ ହେବ । ଚଳିତ ବର୍ଷର ଇ- ନିଲାମିରେ ସ୍ମରଣିକା, ଚିତ୍ରକଳା, ଜଟିଳ ମୂର୍ତ୍ତି, ସ୍ୱଦେଶୀ ହସ୍ତତନ୍ତ ଏବଂ ଆକର୍ଷଣୀୟ ଜନଜାତି ଲୋକକଳାକୃତି ଆଦି ବିବିଧତାପୂର୍ଣ୍ଣ ସଂଗ୍ରହ ସ୍ଥାନୀତ ଥିଲା । ଉଲ୍ଲେଖନୀୟ ପ୍ରାଚୀନ କଳାକୃତିଗୁଡିକ ମଧ୍ୟରେ ରହିଥିଲା ମୋଧେରା ସୂର୍ଯ୍ୟ ମନ୍ଦିର ଏବଂ ଚିତୋରଗଡର ବିଜୟ ସ୍ତମ୍ଭ ଭଳି ସ୍ଥାପତ୍ୟର ପ୍ରତିକୃତି ।




## ଉଦାହରଣ ସୃଷ୍ଟି କରିଛନ୍ତି ପ୍ରଧାନମନ୍ତ୍ରୀ ମୋଦୀ

କୋଭିଡ ମହାମାରୀ ସମୟରେ ନିଜ ସଂଚୟ ଅର୍ଥରୁ ୨.୨୫ ଲକ୍ଷ ଟଙ୍କା ଦାନ କରିସାରିବା ପରେ ହିଁ ସେ ଏହି ପାଣ୍ଠିକୁ ଦାନ କରିବାକୁ ଦେଶବାସୀଙ୍କୁ ନିବେଦନ କରିଥିଲେ । ଗୁଜରାଟ ମୁଖ୍ୟମନ୍ତ୍ରୀ ଭାବରେ ତାଙ୍କର କାର୍ଯ୍ୟକାଳ ସମାପ୍ତ ହେବା ପରେ ସେ ଗୁଜରାଟର ସରକାରୀ କର୍ମଚାରୀଙ୍କ କନ୍ୟାମାନଙ୍କ ଶିକ୍ଷା ପାଇଁ ନିଜ ସଂଚୟରୁ ୨୧ ଲକ୍ଷ ଟଙ୍କା ଦାନ କରିଥିଲେ । ପ୍ରଧାନମନ୍ତ୍ରୀ ମୋଦୀ ମୁଖ୍ୟମନ୍ତ୍ରୀ ଭାବରେ ଗ୍ରହଣ କରିଥିବା ସମସ୍ତ ଉପହାରକୁ ନିଲାମ କରି ଏଥିରୁ ସଂଗୃହୀତ ୮୯.୯୬ କୋଟି ଟଙ୍କାକୁ କନ୍ୟା କେଲାୱାଣୀ ପାଣ୍ଠିକୁ ଦାନ କରିଥିଲେ ଯାହା ବାଳିକାମାନଙ୍କ ଶିକ୍ଷା ପାଇଁ ବ୍ୟୟ କରାଯାଇଥିଲା । ସିଓଲ ଶାନ୍ତି ପୁରସ୍କାରରୁ ମିଳିଥିବା ୧.୩ କୋଟି ଟଙ୍କା ଅର୍ଥରାଶିକୁ ପ୍ରଧାନମନ୍ତ୍ରୀ ମୋଦୀ ନମାମି ଗଙ୍ଗେ ମିଶନକୁ ଦାନ କରିଥିଲେ । ପ୍ରଧାନମନ୍ତ୍ରୀଙ୍କ ପ୍ରାରମ୍ଭିକ କାର୍ଯ୍ୟକାଳ ସମୟରେ ତାଙ୍କୁ ମିଳିଥିବା ସ୍ମରଣିକାଗୁଡିକର ନିଲାମିରୁ ୩.୪ କୋଟି ଟଙ୍କା ସଂଗ୍ରହ କରାଯାଇଥିଲା ଏବଂ ଏହି ଅର୍ଥରାଶି ନମାମି ଗଙ୍ଗେ ପ୍ରକଳ୍ପକୁ ଦାନ କରାଯାଇଥିଲା ।

୨୦୧୫ ମସିହାରେ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦୀ ସୁରତ ଠାରେ କାର୍ଯ୍ୟକାଳର ସେହି ସମୟ ପର୍ଯ୍ୟନ୍ତ ମିଳିଥିବା ସମସ୍ତ ଉପହାରକୁ ନିଲାମ କରିଥିଲେ । ସେହି ନିଲାମୀରୁ ମିଳିଥିବା ୮.୩୩ କୋଟି ଟଙ୍କାକୁ ସେ ନମାମି ଗଙ୍ଗେ ମିଶନ୍ ପାଇଁ ଦାନ କରିଥିଲେ । ପ୍ରଧାନମନ୍ତ୍ରୀ ନିଜ ବ୍ୟକ୍ତିଗତ ସଂଚୟରୁ କୁମ୍ଭ ମେଳା ପରିମଳ କର୍ମଚାରୀଙ୍କ କଲ୍ୟାଣ ପାଣ୍ଠିକୁ ୨୧ ଲକ୍ଷ ଟଙ୍କା ଦାନ କରିଥିଲେ । ପ୍ରଧାନମନ୍ତ୍ରୀ ମୋଦୀ ୪୧ତମ ଲୋକମାନ୍ୟ ତିଲକ ଜାତୀୟ ପୁରସ୍କାର ଗ୍ରହଣ କରିଥିଲେ । ଏ ବାବଦରେ ତାଙ୍କୁ ମିଳିଥିବା ୧ ଲକ୍ଷ ଟଙ୍କାର ଅର୍ଥରାଶି ନମାମି ଗଙ୍ଗେ ପ୍ରକଳ୍ପକୁ ଦାନ କରିଥିଲେ ।

# ସମ୍ବଲପୁରରେ ଗାୟତ୍ରୀ ମହାଯଜ୍ଞ ପାଇଁ ଭୂମିପୂଜନ ସମ୍ପନ୍ନ

ସମ୍ବଲପୁର : ଆସନ୍ତା ୨୭ ରୁ ୩୦ ତାରିଖ ପର୍ଯ୍ୟନ୍ତ ରେମେଡ଼ ଠାରେ ହେବାକୁ ଥିବା ୧୦୮ କୁଣ୍ଡୀୟ ନବ ଚେତନା ଜାଗରଣ ଗାୟତ୍ରୀ ମହାଯଜ୍ଞ ପାଇଁ ଭୂମିପୂଜନ ଓ ଦେବଦମ୍ପତି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ୧୦୮ ଦମ୍ପତି ପୂଜାର୍ଚ୍ଚନା କରି ଯଜ୍ଞର ସଫଳତା ପାଇଁ ପ୍ରଚାର ପ୍ରସାର କରିବାକୁ ସଂକଳ୍ପ ନେଇଥିଲେ । ଏହାଛଡା ତିନୋଟି କୁଣ୍ଡରେ ହୋମ କରାଯାଇ ଧ୍ୱଜା ରୋହଣ କରାଯାଇଥିଲା । ହରିଦ୍ୱାରର ଶାନ୍ତିକୁଞ୍ଜରୁ ଆସିଥିବା ପ୍ରତିନିଧି ଉମେଶ ଶର୍ମା ଉଦବୋଧନ ଦେଇଥିବା ବେଳେ ଉପେନ୍ଦ୍ର ପାଢ଼ୀ ଏବଂ ତାଙ୍କ ସହଯୋଗୀ ମାନେ ଭଜନ କୀର୍ତ୍ତନ ପରିବେଷଣ କରିଥିଲେ । କାର୍ଯ୍ୟକ୍ରମରେ ଝାରସୁଗୁଡାର ବିଶିଷ୍ଟ ସମାଜସେବୀ ଅଶୋକ ଗାନ୍ଧୀ ଓ ଅର୍ଜୁନ ମୋର, ପ୍ରଫେସର ସେବକ ତ୍ରିପାଠୀ, ରାଜେନ୍ଦ୍ର କୁମାର ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ । ଏଥିରେ ଯଜ୍ଞ ପରିଚାଳନା କମିଟିର ଅଧ୍ୟକ୍ଷ ଦୀନଦୟାଲ ଅଗ୍ରୱାଲ, ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ର, ସ୍ଥାନୀୟ ଗାୟତ୍ରୀ ଶକ୍ତିପୀଠର ସହକାରୀ ଟ୍ରଷ୍ଟି ଶିବ ନାରାୟଣ ଶତପଥୀ ପ୍ରମୁଖ ଉପସ୍ଥିତ ଥିବାବେଳେ ବାନାମ୍ବର ସର, ନଳିନୀକାନ୍ତ ନାଥ, ସତ୍ୟନାରାୟଣ ପଟେଲ, ଦିଲୀପ ସାନବଡ଼, ଅରୁଣ ପୂଜାରୀ, ତୁଷାର ରଞ୍ଜନ ପଟ୍ଟନାୟକ ଭାରତୀ ଶତପଥୀ, ନଳିନୀ ପୂଜାରୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।












## ଏ ସଂଖ୍ୟାରେ..



ବାଦାମ ସହ ଗୁଡ ଖାଇଲେ କବ୍‌ଜ ଦୂର ହୁଏ



ଉପବାସ କମାଏ ହୃଦ୍‌ରୋଗ ଆଶଙ୍କା



ଉପକାରୀ ପିଆଜ



ଲବଙ୍ଗରେ ଯନ୍ତ୍ରଣା ଦୂର



ଆଣ୍ଟିବଡ଼ି ସୃଷ୍ଟିକରେ ଗାଜର



ଅଁଳାର ଉପକାରିତା

## ପଶ୍ଚିମ ଓଡିଶା ସଂକୀର୍ତ୍ତନ ପରିଷଦର ତ୍ରୟୋଦଶ ପ୍ରତିଷ୍ଠା ଦିବସ

ସମ୍ବଲପୁର : ସଂକୀର୍ତ୍ତନ ହେଉଛି ଓଡ଼ିଶାର ଏକ ପୁରାତନ କଳା ଓ ଏହି କଳା ଆଧାତ୍ମିକ ଭାବ ଜାଗ୍ରତ କରିବା ସାଙ୍ଗକୁ ସମାଜକୁ ସୁଧାରିବାରେ ଏକ ବଳିଷ୍ଠ ଭୂମିକା ଗ୍ରହଣ କରିଥାଏ । ତେଣୁ ଏହି ପୁରାତନ କଳାକୁ ବଞ୍ଚାଇବାକୁ କଳାକାର ମାନଙ୍କୁ ସରକାର ସମସ୍ତ ପ୍ରକାର ସହଯୋଗ କରିବା ଉଚିତ ବୋଲି ପଶ୍ଚିମ ଓଡିଶା ସଂକୀର୍ତ୍ତନ ପରିଷଦର ତ୍ରୟୋଦଶ ପ୍ରତିଷ୍ଠା ଦିବସରେ ମତପ୍ରକାଶ ପାଇଛି ।

ପରିଷଦର ସଭାପତି ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ରଙ୍କ ଅଧକ୍ଷତାରେ ଧମା ନିକଟସ୍ଥ ନୂଆଗାଁସ୍ଥିତ ପରିଷଦର ମୁଖ୍ୟ କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲ୍ଲା ସଂଯୋଜକ ଦିଲୀପ ବଡ଼େଇ, ବରଗଡ଼ ଜିଲ୍ଲା ସଂଯୋଜକ ଲଳିତ ଭୋଇ, କନ୍ଧମାଳ ଜିଲ୍ଲା ସଂଯୋଜକ ଅଜୟ କହଁର, ବଲାଙ୍ଗୀର ଜିଲ୍ଲା ସଂଯୋଜକ ଭରତ ସାହୁ, କଳାହାଣ୍ଡି ଜିଲ୍ଲା ସଂଯୋଜକ ଦୟାନନ୍ଦ ଗହୀର, ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ ସଂଯୋଜକ ରଞ୍ଜନ ପ୍ରଧାନ ପ୍ରମୁଖ ପରିଷଦର ସଭ୍ୟ ସଂଗ୍ରହ ଅଭିଯାନକୁ ତ୍ୱରାନ୍ୱିତ କରାଯିବା ସାଙ୍ଗକୁ କାର୍ଯ୍ୟାଳୟ ନିର୍ମାଣ ପାଇଁ ପଦକ୍ଷେପ ନିଆଯିବା ଉପରେ ଗୁରୁତ୍ୱାରୋପ କରିଥିଲେ । ସଂକୀର୍ତ୍ତନ ନାମରେ ବିଭିନ୍ନ ଅନୁଷ୍ଠାନ ଯେପରି ବ୍ୟବସାୟିକ ମନୋବୃତ୍ତି ନେଇ କାର୍ଯ୍ୟ କରୁଛନ୍ତି, ତାକୁ ପ୍ରତିହତ କରିବା ପାଇଁ ସରକାରଙ୍କ ନିକଟରେ ଦୃଢ଼ ଦାବି ଜଣାଇଥିଲେ । ବରଗଡ଼ ଜିଲ୍ଲାର ବରିଷ୍ଠ ସଂକୀର୍ତ୍ତନ ଗୁରୁ ରାଜେନ୍ଦ୍ର ବେହେରା, ପରିଷଦର ପୂର୍ବତନ ସଭାପତି ରାଜେନ୍ଦ୍ର ଅଗ୍ରୱାଲ, ପ୍ରଭାରୀ ରାଧେକୃଷ୍ଣ ପଣ୍ଡା, କୋଷାଧକ୍ଷ ରାଧାକାନ୍ତ ପାଣିଗ୍ରାହୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ସଂଗଠନକୁ ମଜବୁତ କରିବା ଏବଂ କଳାକାର ମାନେ ଯେପରି ସମସ୍ତ ସରକାରୀ ସୁବିଧା ସୁଯୋଗ ପାଇ ପାରିବେ, ସେଥିପାଇଁ ପରିଷଦ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ । ପରିଷଦର ସମ୍ପାଦକ ଲୋକନାଥ ମିଶ୍ର ବାର୍ଷିକ ବିବରଣୀ ପ୍ରଦାନ କରିଥିବା ବେଳେ ସମ୍ବଲପୁର ଜିଲ୍ଲା ସଭାପତି ସନ୍ତୋଷ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ । ସଭା ପ୍ରାରମ୍ଭରେ ଗତ ଏକ ବର୍ଷ ମଧରେ ପରଲୋକ ଗମନ କରିଥିବା ସଂକୀର୍ତ୍ତନ କଳାକାର ମାନଙ୍କର ଅମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା ।

## ଏନ୍ଏଲ୍ସି ପକ୍ଷରୁ ଖିଣ୍ଡାରୁ ଆଦର୍ଶ ସ୍କୁଲ ପାଇଁ ବସ୍ ଶୁଭାରମ୍ଭ




ସମ୍ବଲପୁର : ରେଙ୍ଗାଲି ବ୍ଲକ ଖିଣ୍ଡା ପଞ୍ଚାୟତ ସଦରରୁ ରେଙ୍ଗାଲି ଆଦର୍ଶ ସ୍କୁଲରେ ପାଠ ପଢୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ଏନ୍ଏଲ୍ସି କମ୍ପାନି ପକ୍ଷରୁ ଏକ ବସ ସେବାର ଶୁଭାରମ୍ଭ ହୋଇଛି । ଆଦର୍ଶ ସ୍କୁଲକୁ ଯିବା ଆସିବାରେ ଅସୁବିଧା ଭୋଗୁଥିବା ଖିଣ୍ଡା ପଞ୍ଚାୟତର ବିଭିନ୍ନ ଗାଁର ଛାତ୍ରଛାତ୍ରୀ ଏହାଦ୍ୱାରା ବିଶେଷ ଉପକୃତ ହୋଇପାରିବେ । ଏନଏଲ୍ସି କମ୍ପାନିର ସିଏସ୍ଆର ପାଣ୍ଠିରୁ ଏହି ବସ୍ ଯୋଗାଇ ଦିଆଯାଇଛି । ଖିଣ୍ଡା ସରପଞ୍ଚ ସନ୍ଧ୍ୟାରାଣୀ ପଧାନ ଓ ସମିତି ସଭ୍ୟା ଅନିତା ସିଂ ଏହି ବସ୍ ସେବାର ଉଦ୍‌ଘାଟନ କରିଛନ୍ତି । କମ୍ପାନିର କାର୍ଯ୍ୟବାହୀ ନିର୍ଦ୍ଦେଶକ ଫ୍ରାଙ୍କ୍ଲିନ୍ ଜୟ କୁମାର, କେ ସତ୍ୟ ପ୍ରକାଶ, ଡିଜିଏମ୍ ନିରୋଜ ସିହ୍ନା, ସୁବ୍ରତ ବିଶ୍ୱାଳ, ରେଙ୍ଗାଲି ବ୍ଲକ୍ ଅଧକ୍ଷ ସତ୍ୟନାରୟଣ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ ।

## ପ୍ରକାଶ ପାଇଲା ଲୋକ ମହୋତ୍ସବ କର୍ମକର୍ତ୍ତା ତାଲିକା

ସମ୍ବଲପୁର : ଆସନ୍ତା ମାସ ୪ ରୁ ୬ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ସମ୍ବଲପୁର ଲୋକ ମହୋତ୍ସବ ପାଳନ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ କର୍ମକର୍ତ୍ତାଙ୍କ ତାଲିକା ପ୍ରକାଶ ପାଇଛି । ଏଥର ଲୋକ ମହୋତ୍ସବ କାର୍ଯ୍ୟକ୍ରମ ପାଇଁ ଭୋଲା ମହନ୍ତମଙ୍କୁ ମୁଖ୍ୟ ସଂଯୋଜକ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି । ସେହିପରି ସହ ସଂଯୋଜକ ଭାବେ ଅନୁପ ତରିଆଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି । ସେହିପରି ବିଭିନ୍ନ ସାଂସ୍କୃତିକ ଦଳ ପାଇଁ ଶଶାଙ୍କ ଦୁବେ ଆବାହକ ଓ ଅଶିତ କୁମାର ଶତପଥି ସହ ଆବାହକ, ମଞ୍ଚ ପାଇଁ ନନ୍ଦ କିଶୋର ସାହୁ ଆବାହକ ଓ ଲଳିତ ମୋହନ ବେବର୍ତ୍ତା ସହ ଆବାହକ, ଖାଦ୍ୟ ବ୍ୟବସ୍ଥା ପାଇଁ ସୁବ୍ରତ ପଣ୍ଡା ଆବାହକ, ପ୍ରସାର ପ୍ରଚାର ପାଇଁ ରାହୁଲ ଗୁପ୍ତା ଆବାହକ ଓ ରାଜକୁମାର ଜାଲ ସହ ଆବାହକ, ପ୍ରଦର୍ଶନୀ ପାଇଁ ଶିଶିର କୁମାର କର ଆବାହକ, ଡକୁମେଣ୍ଟେସନ୍ ପାଇଁ ଡମ୍ବରୁଧର ପ୍ରଧାନ ଆବାହକ, ସମ୍ବର୍ଦ୍ଧନା ପାଇଁ ସୂର୍ଯ୍ୟ ପାଣିଗ୍ରାହୀ, ଅଭ୍ୟାର୍ଥନା ପାଇଁ ଶ୍ରବଣ ପତି ଆବାହକ ଓ ମୋମିନା ଖାତୁନ ସହ ଆବାହକ, ଆଲୋଚନା ଚକ୍ର ପାଇଁ ମାହେଶ୍ୱରୀ ପ୍ରସାଦ ପାଣିଗ୍ରାହୀ ଆବାହକ ଓ ଜୟକୃଷ୍ଣ ବେହେରା ସହ ଆବାହକ, ସ୍ମରଣିକା ପାଇଁ ଶିବ ଶଙ୍କର ପ୍ରଧାନ ଆବାହକ ଓ ପ୍ରିତି ଅଗ୍ରୱାଲ ସହ ଆବାହକ, ପରିବହନ ପାଇଁ ଅମିତ କୁମାର ପତି ଆବାହକ ଓ ସୁଧାଂଶୁ ପୂଜାରୀ ସହ ଆବାହକ, ରହଣି ପାଇଁ ମହେଶ ପଟେଲ ଆବାହକ ଓ ସନ୍ତୋଷ ବଡ଼େଇ ସହ ଆବାହକ, ଉଦ୍‌ଘୋଷକ ପାଇଁ ମାନସ ରଞ୍ଜନ ମିଶ୍ର ଆବାହକ, ମିଡ଼ିଆ ପାଇଁ ସୁକାନ୍ତ କର ଆବାହକ, ଷ୍ଟଲ ପାଇଁ ପରୱେଜ ଅଲ୍ଲୀ ଖାନ ଆବାହକ, ପାର୍କିଂ ପାଇଁ କାର୍ତ୍ତିକ ଆଇନ୍ଦ ଆବାହକ ଓ ସୌରି ନାରାୟଣ ପାଣିଗ୍ରାହୀ ସହ ଆବାହକ, ସ୍ୱଚ୍ଛତା ପାଇଁ ସୌରି ନାରାୟଣ ପାଣିଗ୍ରାହୀ ଆବାହକ ଓ ନିଶିକାନ୍ତ ବିଶ୍ୱାଳ ସହ ଆବାହକ ଭାବେ ମନୋନିତ ହୋଇଛନ୍ତି ।

## ଆସୁରୀ ବୃତ୍ତିଯୁକ୍ତ ମନୁଷ୍ୟମାନେ ଅଧମ ଯୋନିରେ ଜନ୍ମ ନେଇଥାନ୍ତି

**ଭ**ଗବାନଙ୍କ ସ୍ୱରୂପ ଜଣେ ସୁଧାରକର ଭାବ ରଖୁଥିବା ଶିକ୍ଷକ ବା ଆଚାର୍ଯ୍ୟଙ୍କ ସଦୃଶ ହୋଇଥାଏ, ଯିଏ ଜିଦିଆ ଓ ଉଦ୍ଦଣ୍ଡ ବିଦ୍ୟାର୍ଥୀମାନଙ୍କୁ ଅନୁଶାସିତ କରିବା ପାଇଁ ସେପରି ଯୋନି ଗୁଡ଼ିକରେ ସ୍ଥାନ ଦେଇଥାନ୍ତି, ଯାହା ଫଳରେ ସେମାନଙ୍କ ଚିତ୍ତରେ ଛାଇ ରହିଥିବା କୁସଂସ୍କାରଗୁଡ଼ିକର ଶୁଦ୍ଧି ସମ୍ଭବ ହୋଇ ପାରିବ ଏବଂ ସେମାନେ କର୍ମଭାରରୁ ମୁକ୍ତ ହୋଇ ନିଜର କଲ୍ୟାଣର ପଥ ପ୍ରଶସ୍ତ କରି ପାରିବେ ।

ଆସୁରୀ ପ୍ରବୃତ୍ତିର ମନୁଷ୍ୟମାନଙ୍କ ପାଇଁ ଶ୍ରୀଭଗବାନ ଗୋଟିଏ ଶବ୍ଦ ପ୍ରଯୁକ୍ତ କରିଛନ୍ତି । ସେ କହିଛନ୍ତି– ନରାଧମ ! ଅର୍ଥାତ୍ ମନୁଷ୍ୟ ରୂପରେ ନୀଚତାକୁ ପ୍ରାପ୍ତ ହୋଇଥିବା ବ୍ୟକ୍ତିତ୍ୱ । ଏପରି କହିବା ପଛରେ ତାଙ୍କର ତାତ୍ପର୍ଯ୍ୟ ହେଉଛି, ମନୁଷ୍ୟ ଯୋନି ଜୀବାତ୍ମାକୁ ଶୁଭକର୍ମଗୁଡ଼ିକୁ କରିବା ପାଇଁ ମିଳିଥାଏ । ଏପରି ସ୍ଥଳେ କ୍ରୂର, ନିର୍ଦ୍ଦୟତା ପୂର୍ଣ୍ଣ, ହିଂସକ କର୍ମଗୁଡ଼ିକୁ କରି ଏଇ ମନୁଷ୍ୟ ନିଜର ଜୀବନ ଯାତ୍ରାକୁ ନିକୃଷ୍ଟ କରି ଦେଇଥାଏ, ଏହା ଏକ ପ୍ରକାର ନରାଧମର କାର୍ଯ୍ୟ ହୋଇଥାଏ । ଶ୍ରୀଭଗବାନ କହିଛନ୍ତି ଯେ ଏପରି ବ୍ୟକ୍ତିମାନଙ୍କ ନାମ ନେବା, ତାଙ୍କର ଦର୍ଶନ କରିବା, ସେମାନଙ୍କୁ ସ୍ମରଣ କରିବା– ଏସବୁ ମଧ ଭୟଙ୍କର ରୂପେ ମନୁଷ୍ୟକୁ ଅପବିତ୍ର କରି ଦେଇଥାଏ । ଏଥିପାଇଁ ଏପରି କ୍ରୂର, ନିର୍ଦ୍ଦୟୀ, ସମସ୍ତଙ୍କ ପ୍ରତି ଅକାରଣ ବୈର ରଖୁଥିବା ବ୍ୟକ୍ତିମାନଙ୍କୁ ଭଗବାନ ବାରମ୍ବାର ଆସୁରୀ ଯୋନି ଗୁଡ଼ିକରେ ହିଁ ଜନ୍ମ ଦେଇଥାନ୍ତି; କାରଣ ସେଭଳି ଯୋନିଗୁଡ଼ିକ ସେମାନଙ୍କ ବୃତ୍ତର ଅନୁକୂଳ ହୋଇଥାଏ । ଏହା ପଛରେ ଥିବା କାରଣ ହେଲା, ଯେପରି ଜଣେ ଅଧାପକ ଅନୁଶାସନହୀନ ବିଦ୍ୟାର୍ଥୀମାନଙ୍କୁ ସୁମାର୍ଗରେ ଚାଲିବା ପାଇଁ ଅନୁଶାସିତ କରିଥାନ୍ତି, ସେହିପରି ଭଗବାନ ମଧ ଏପରି ବୃତ୍ତିଯୁକ୍ତ ମନୁଷ୍ୟମାନଙ୍କୁ ବାରମ୍ବାର ସେହି ପ୍ରକାର ଯୋନିଗୁଡ଼ିକରେ ଜନ୍ମ ଦେଇଥାନ୍ତି, ଯାହା ଫଳରେ ସେମାନେ ନିଜର ପାପ କର୍ମଗୁଡ଼ିକୁ ଶୁଦ୍ଧ କରି ସ୍ୱୟଂକୁ ନିର୍ମଳ ଓ ଶୁଦ୍ଧ କରି ପାରିବେ ।

ଭଗବାନ କୁହନ୍ତି ଯେ, ମୂଢ଼ ମନୁଷ୍ୟମାନେ ମୋତେ ପ୍ରାପ୍ତ ନ ହୋଇ ଜନ୍ମ ଜନ୍ମାନ୍ତରରେ ଆସୁରୀ ଯୋନିକୁ ପ୍ରାପ୍ତ ହୋଇଥାନ୍ତି । ପୁଣି ତା' ଠାରୁ ମଧ ଅଧିକ ଅଧମ ଗତିରେ ଭୟଙ୍କର ନରକଗୁଡ଼ିକୁ ମଧ ଚାଲିଯାନ୍ତି । ଭଗବାନ କୃଷ୍ଣ କହିଥିଲେ ଯେ, ମନୁଷ୍ୟ ଜନ୍ମରେ ମୋତେ ପ୍ରାପ୍ତ କରିବାର ଦୁର୍ଲଭ ଅବସର ସେମାନଙ୍କୁ ମିଳିଥାଏ । ପରନ୍ତୁ ସେମାନେ ଦୁର୍ଭାଗ୍ୟର ଶିକାର ହୋଇ ମୋତେ ପ୍ରାପ୍ତ ନ ହୋଇ ପଶୁପକ୍ଷୀ ଆଦି ଆସୁରୀ ଯୋନିଗୁଡ଼ିକୁ ଚାଲିଯାଆନ୍ତି ଏବଂ ସେହି ଯୋନିଗୁଡ଼ିକ ମଧରେ ସେମାନଙ୍କୁ ବାରମ୍ବାର ଜନ୍ମ ମିଳିଥାଏ ।

ଯେତେବେଳେ ସେମାନଙ୍କୁ ମନୁଷ୍ୟ ଯୋନି ମିଳିଲା, ସେତେବେଳେ ସେମାନଙ୍କୁ ଏକ ଅବସର ମଧ ମିଳିଥିଲା ଯେ ସେମାନେ ପରମାତ୍ମାଙ୍କୁ ପ୍ରାପ୍ତ କରିପାରିବେ । କିନ୍ତୁ ସେମାନେ ସେହି ଅବସରକୁ ହରାଇ ଦିଅନ୍ତୁ ଓ ପତନୋନ୍ମୁଖୀ ହୋଇଯାନ୍ତି । ଏକ ପ୍ରକାରେ ଏହା ସେମାନଙ୍କର ଦୁର୍ଭାଗ୍ୟ । ତେଣୁ ଭଗବାନ ଏଠାରେ କହୁଛନ୍ତି ଯେ 'ତତୋ ଯାନ୍ତ୍ୟଧମାମ୍ ଗତିମ୍' – ଅର୍ଥାତ୍ ଆସୁରୀ ଯୋନି ଗୁଡ଼ିକରେ ପତିତ ହୋଇ ମଧ ଯଦି ସେମାନେ ଚାହିଁଥାନ୍ତେ ତେବେ ବଳି, ପ୍ରହ୍ଲାଦ, ବିରୋଚନଙ୍କ ପରି ନିଜର କର୍ମଗୁଡ଼ିକୁ ଧୋଇ ଉଚ୍ଚ ପଦ ପ୍ରାପ୍ତ ହୋଇ ପାରିଥାନ୍ତେ, କିନ୍ତୁ ସେମାନେ ଏହାର ବିପରୀତ । ଏହାଠାରୁ ମଧ ଅଧିକ ଅଧମ ଲୋକଗୁଡ଼ିକୁ ପ୍ରାପ୍ତ ହୋଇଥାନ୍ତି ।

ପୁରଣଗୁଡ଼ିକରେ ପୃଥିବୀ ତଳକୁ ଅଧମ ଲୋକଗୁଡ଼ିକର ବିବରଣ ମିଳିଥାଏ । ସେଗୁଡ଼ିକରେ କୁହାଯାଇଛି ଯେ ପୃଥିବୀ ତଳକୁ ସାତଟି ଭୂବିବର ବା ନରକ ଅଛି । ଏଗୁଡ଼ିକ ମଧରୁ ପ୍ରଥମର ନାମ ହେଉଛି ଅତଳ, ଯାହାର ନିର୍ମାଣ ମୟ ଦାନବ ଦ୍ୱାରା କରାଯାଇଥିଲା । ଏହା ତଳକୁ ବିତଳ, ତା ତଳକୁ ସୁତଳ, ପୁଣି ତଳାତଳ, ପୁଣି ମହାତଳ, ପୁଣି ରସାତଳ ଓ ପୁଣି ପାତାଳର ବର୍ଣ୍ଣନ ପୁରାଣଗୁଡ଼ିକରେ ମିଳିଥାଏ । ଏହା ଅତିରିକ୍ତ ପୁରାଣଗୁଡ଼ିକରେ ନରକଗୁଡ଼ିକର ଆହୁରି ବିସ୍ତୃତ ବିବରଣୀ ମିଳିଥାଏ । କେଉଁଠି କେଉଁଠି ଅଠାଇଶଟି ତ କେଉଁଠି ଏକୋଇଶଟି ନରକର ବର୍ଣ୍ଣନା ମିଳେ ।

ପୌରାଣିକ ବର୍ଣ୍ଣନା ଅନୁସାରେ ଅଧମ ଲୋକର ୨୮ଟି ନରକର ନାମ ହେଉଛି- ତାମିସ୍ର, ଅନ୍ଧତାମିସ୍ର, ରୌଖ, ମହାରୌଖ, କୁମ୍ଭୀପାକ, କାଳସୂତ୍ର, ଅସିପନ୍, ଶୂକରମୁଖ, ଅନ୍ଧକୂପ, କୃମିଭୋଜ, ସଦଂଶ, ତପ୍ତସୂର୍ମି, ବଜ୍ରକଣ୍ଟକଶାଲ୍ମଳୀ, ବୈତରଣୀ, ପୂୟୋଦ, ପ୍ରାଣରୋଧ, ବିଶସନ, ଲାଲାଭକ୍ଷ, ସାରମେପାଦନ, ଅବୀଚି, ଅୟପାନ, କ୍ଷାର କର୍ଦ୍ଦମ, ରକ୍ଷୋଗଣ–ଭୋଜନ, ଶୂଳପ୍ରେତ, ଦନ୍ଦଶୂଳ, ଅବଟାରୋଧ, ପର୍ଯ୍ୟାବର୍ତ୍ତନ ଓ ସୂଚୀମୁଖ । ଏଥିରେ ପୁଣି ଭିନ୍ନ ଭିନ୍ନ ନରକଗୁଡ଼ିକରେ ପଡ଼ିବାର କାରଣ ଏବଂ ସେଠାରେ ମିଳୁଥିବା ଯାତନାଗୁଡ଼ିକର ବର୍ଣ୍ଣନା ମଧ ମିଳିଥାଏ ।

ଉଦାହରଣାର୍ଥେ ଯିଏ ଅନ୍ୟର ଧନ ଇତ୍ୟାଦି ଚୋରାଏ, ଜିନିଷ ଅପହରଣ କରିଥାଏ, ତାକୁ ଯମଦୂତମାନଙ୍କ ଦ୍ୱାରା କାଳପାଶରେ ବାନ୍ଧି 'ତାମିସ୍ର' ନାମକ ନରକରେ ଫିଙ୍ଗିଦେବାର ବିବରଣ ଶ୍ରୀମଦ୍ ଦେବୀଭାଗବତରେ ଉଲ୍ଲେଖ ଅଛି । ବ୍ୟଭିଚାର କରୁଥିବା ବ୍ୟକ୍ତିକୁ 'ଅନ୍ଧତାମିସ୍ର'ରେ ପକାଇ ଦିଆଯାଏ । ଯିଏ କେବଳ 'ମୁଁ' ଆଉ 'ମୋର' ଏପରି ବିଚାରକୁ ଆପଣାଇ ଜୀବନ ବିତାଇ ଦିଏ, ସେ 'ରୌଖ' ନାମକ ନରକରେ ପଡ଼ିଥାଏ, ଯେଉଁଠି ରୁରୁ ନାମକ ଭୟଙ୍କର ପ୍ରାଣୀମାନଙ୍କ ଦ୍ୱାରା ଦିଆଯାଉଥିବା କଷ୍ଟକୁ ସେ ଭୋଗିଥାଏ । ପଶୁପକ୍ଷୀ ଆଦି ଜୀବମାନଙ୍କୁ ଅକାରଣରେ କଷ୍ଟ ଦେଉଥିବା ବ୍ୟକ୍ତି ''କୁମ୍ଭୀପାକ' ନାମକ ନରକକୁ ଯାଇଥାଏ, ଯେଉଁଠି ତାକୁ ଫୁଟୁଥିବା ତେଲରେ ଭାଜି ହେବାକୁ ପଡ଼ିଥାଏ ।

ପିତାଙ୍କ ସହିତ ଶତ୍ରୁତା ରଖୁଥିବା ପ୍ରାଣୀ 'କାଳସୂତ୍ର' ନାମକ ନରକରେ ପଡ଼ିଥାଏ ଏବଂ ଛଳନାର ଆଶ୍ରୟ ନେଉଥିବା ବ୍ୟକ୍ତି 'ଅସିପନ୍' ନରକକୁ ଯାଇଥାଏ । ଯେଉଁ ବ୍ୟକ୍ତି ଅଧିକାର ଗୁଡ଼ିକର ଦୁରୁପଯୋଗ କରି ଅନ୍ୟମାନଙ୍କ ସହିତ କ୍ରୂର କର୍ମ କରିଥାଏ, ସେ 'ଶୂକରମୁଖ' ନାମକ ନରକରେପଡ଼ିଥାଏ । ଅନ୍ୟମାନଙ୍କୁ ବ୍ୟଥିତ ଦେଖି ମଧ ଯିଏ ସେମାନଙ୍କୁ କଷ୍ଟ ଦେଇଥାଏ, ଏପରି ବ୍ୟକ୍ତିକୁ 'ଅନ୍ଧକୂପ' ନାମକ ନରକରେ ପଡ଼ିବାକୁ ହୋଇଥାଏ । ନିଜର ସ୍ୱାର୍ଥ ଉପରେ ହିଁ ସମସ୍ତ ଧାନ କେନ୍ଦ୍ରିତ କରୁଥିବା ବ୍ୟକ୍ତି 'କୃମିଭୋଜ' ନାମକ ନରକରେ ପଡ଼ିଥାଏ । ପରିଶ୍ରମ ଦ୍ୱାରା ଅର୍ଜିତ ଅନ୍ୟମାନଙ୍କର ଧନ-ବସ୍ତୁଗୁଡ଼ିକ ଉପରେ ବଳପୂର୍ବକ ଆଧିପତ୍ୟ ଜମାଇ ଥିବା ବ୍ୟକ୍ତି 'ସନ୍ଦଶ' ନରକରେ ପଡ଼ିଥାଏ । ଅନୈତିକ ସମ୍ବନ୍ଧ ରଖିଥିବା ବ୍ୟକ୍ତି 'ତପ୍ତସୂର୍ମି' ନାମକ ନରକରେ ପଡ଼ିଥାଏ । ଜୀବନ ତମାମ ବ୍ୟଭିଚାର ପୂର୍ବକ ମାନସିକତା ରଖିଥିବା ବ୍ୟକ୍ତି 'ଶାଲ୍ମଳୀ' ନାମକ ନରକକୁ ଯାଇଥାଏ ।

ପୁରାଣ କହିଥାଏ ଯେ ମର୍ଯ୍ୟାଦାକୁ ଭଙ୍ଗ କରୁଥିବା ବ୍ୟକ୍ତି 'ବୈତରଣୀ' ନାମକ ନରକରେ ପଡ଼ିଥାଏ । ସଦାଚାର ପ୍ରତି ବିମୁଖ ହେଉଥିବା ବ୍ୟକ୍ତି 'ପୂୟୋଦ' ନାମକ ନରକରେ ପଡ଼ିଥାଏ । ଅବୋଧ ପ୍ରାଣୀମାନଙ୍କୁ ଅନ୍ୟଥା କଷ୍ଟ ଦେଉଥିବା ଓ ସେମାନଙ୍କର ଶିକାର କରୁଥିବା ବ୍ୟକ୍ତି 'ପ୍ରାଣରୋଧ' ନାମକ ନରକରେ କଷ୍ଟ ପାଇଥାଏ ତ ଯଜ୍ଞ ଭଳି ପବିତ୍ର କର୍ମରେ ହିଂସା କରୁଥିବା ବ୍ୟକ୍ତି ତଥା ସେଥିରେ ପଶୁବଳି ଦେଉଥିବା ବ୍ୟକ୍ତି ପାଇଁ 'ବିଶସନ' ନାମକ ନରକ ସୁରକ୍ଷିତ ଥାଏ । କାମ ବାସନାର ବଶୀଭୂତ ହୋଇ କର୍ମ କରୁଥିବା ବ୍ୟକ୍ତି 'ଲାଲାଭକ୍ଷ' ନରକକୁ ଯାଇଥାଏ । ଅନ୍ୟମାନଙ୍କୁ ବିଷ ଦେଇ ହତ୍ୟା କରିଥିବା ବ୍ୟକ୍ତି 'ସାରମେପାଦାନ' ନାମକ ନରକରେ ପଡ଼ିଥାଏ ଏବଂ ଧନ ନେଣଦେଣରେ ମିଛ କହୁଥିବା ବ୍ୟକ୍ତି 'ଅବୀଚି' ନାମକ ନରକରେ ପଡ଼ିଥାଏ । ଅନ୍ୟମାନଙ୍କୁ ଆଦର କରୁ ନଥିବା ଅଭିମାନୀ ବ୍ୟକ୍ତି 'କ୍ଷାରକର୍ଦ୍ଦମ' ନାମକ ନରକରେ ପଡ଼ିଥାଏ ତଥା ନରଭକ୍ଷୀର ଜୀବନ ବିତାଉଥିବା ବ୍ୟକ୍ତି 'ରକ୍ଷୋଗଣ-ଭୋଜନ' ନାମକ ନରକରେ ପଡ଼ିଥାଏ । ବିଶ୍ୱାସଘାତୀ 'ଶୂଳପ୍ରେତ' ନରକକୁ ଯାଇଥାଏ ଏବଂ କ୍ରୂର, ନିର୍ଦ୍ଦୟ କର୍ମ କରୁଥିବା ବ୍ୟକ୍ତି, 'ଦନ୍ଦଶୂଳ' ନାମକ ନରକରେ ପତିତ ହୋଇଥାଏ । ଅନ୍ୟମାନଙ୍କୁ ଅନ୍ଧାରରେ ରଖିଥିବା ବ୍ୟକ୍ତି ' ଅବଟାରୋଧ' ନାମକ ନରକରେ ତଥା ଅନ୍ୟମାନଙ୍କୁ କ୍ରୋଧ, ନିରଙ୍କୁଶ ଦୃଷ୍ଟିରେ ଦେଖୁଥିବା ବ୍ୟକ୍ତି 'ପର୍ଯ୍ୟାବର୍ତ୍ତନ' ନାମକ ନରକରେ ପଡ଼ିଥାଏ ଏବଂ ସର୍ବାଧିକ ଅଧର୍ମୀ ବ୍ୟକ୍ତି 'ସୂଚୀମୁଖ' ନାମକ ନରକରେ ପତିତ ହୋଇଥାଏ ।

ଏଥିରୁ ସ୍ପଷ୍ଟ ହୋଇଯାଏ ଯେ ଯେଉଁ ଆସୁରୀ ପ୍ରବୃତ୍ତିର ମନୁଷ୍ୟମାନେ ଅବସର ମିଳିଲେ ନିଜର କର୍ମଗୁଡ଼ିକୁ ଶୁଦ୍ଧ କରନ୍ତି ନାହିଁ, ସେମାନେ ଅତ୍ୟନ୍ତ ଅଧମ ଲୋକଗୁଡ଼ିକୁ ଓ ଦୁରୂହ ନରକଗୁଡ଼ିକୁ ପ୍ରାପ୍ତ ହୋଇଥାନ୍ତି ।

# ଲୋକଜନନୀ ଶ୍ରୀମହାଲକ୍ଷ୍ମୀ

ଋକ୍‌ବେଦ, ଯଜୁର୍ବେଦ ଓ ଅଥର୍ବ ବେଦରେ ସୌନ୍ଦର୍ଯ୍ୟ ଓ ସଂପଦଦାୟିନୀ ଦେବୀ ଭାବରେ 'ଲକ୍ଷ୍ମୀ' 'ଶ୍ରୀ' ନାମରେ ଦୁଇଟି ଦେବୀଙ୍କର ନାମୋଲ୍ଲେଖ ରହିଛି । କ୍ରମେ ଏ ଦୁହେଁ ଏକ ହୋଇ ମିଶିଯାଇଛନ୍ତି ଓ କେବଳ ଲକ୍ଷ୍ମୀ ନାମ ହିଁ ପରିକୀର୍ତ୍ତିତ ହୋଇ ରହିଛି । ବୈଦିକ ବିଷ୍ଣୁ ଓ ସୂର୍ଯ୍ୟଦେବତା ପରବର୍ତ୍ତୀ ସମୟରେ ଅଭିନ୍ନ ଭାବେ ଗୃହୀତ ହେବାରୁ ଲକ୍ଷ୍ମୀ ବିଷ୍ଣୁଙ୍କର ପତ୍ନୀରୂପେ ଅଭିନନ୍ଦିତ ହୋଇଛନ୍ତି । ପଦ୍ମଫୁଲ ସହ ଲକ୍ଷ୍ମୀଙ୍କର ସଂପର୍କ ଏତେ ଘନିଷ୍ଠ ଯେ, ତାଙ୍କର ଅନ୍ୟ ନାମ ହେଉଛି ପଦ୍ମା ବା କମଳା । ଲକ୍ଷ୍ମୀଙ୍କ ସହିତ ପଦ୍ମର ଏପରି ଯୋଗାଯୋଗର କାରଣ କ'ଣ ହୋଇପାରେ ? ସୂର୍ଯ୍ୟ ପଦ୍ମପୁଷ୍ପକୁ ବିକଶିତ କରାଇଥାନ୍ତି- ଏହି ସ୍ୱାଭାବିକ ସଂପର୍କରେ ଧର୍ମୀୟ ବ୍ୟାଖ୍ୟାର ପୃଷ୍ଠଭୂମିରେ ବିଷ୍ଣୁରୂପୀ ସୂର୍ଯ୍ୟଙ୍କର ଶକ୍ତିରୂପିଣୀ ଲକ୍ଷ୍ମୀ ଏବଂ ପଦ୍ମକୁ ଅଭିନ୍ନ ବୋଲି ମନେ କରାଯାଇଛି । କିନ୍ତୁ ସୂର୍ଯ୍ୟଙ୍କର ଭାବସମ୍ପର୍କ କେବଳ ପଦ୍ମସହ ନୁହେଁ, ସମଗ୍ର ପ୍ରକୃତି ବା ପୃଥିବୀ ସହ ଘନିଷ୍ଠ ଭାବରେ ରହିଛି । ସୂର୍ଯ୍ୟଙ୍କ ଯୋଗୁଁ ହିଁ 'ପୃଥିବୀ' ବା 'ବସୁନ୍ଧରା' ଶସ୍ୟ, ଉଦ୍ଭିଦ ଓ ଜୀବ ପ୍ରସବିନୀ ହୋଇଥାଏ । ବୈଦିକ ଲକ୍ଷ୍ମୀ ଶସ୍ୟ ସଂପଦର ଦେବୀ ନ ଥିଲେ, ବେଦରେ ସରସ୍ୱତୀଙ୍କୁ ଉର୍ବର ଶକ୍ତିର ପ୍ରତୀକ ଭାବେ ଶସ୍ୟଦାତ୍ରୀ ରୂପେ ଗ୍ରହଣ କରାଯାଇଛି । ଶସ୍ୟଉପନ୍ନା ଓ ଶସ୍ୟଦାୟିନୀ ଉଭୟ ଦେବୀ ଅଭିନ୍ନ ହୋଇ ଶସ୍ୟଦେବୀ (ଧନଦାତ୍ରୀ) ରୂପେ ଚିହ୍ନିତ ହୋଇ ଆସୁଥିଲେ । ସମ୍ଭବତଃ ପରବର୍ତ୍ତୀ କାଳରେ ଲକ୍ଷ୍ମୀ ଓ ସରସ୍ୱତୀ ଅଭିନ୍ନ ହୋଇ ରହିଲେ । ଦୁହେଁ ବିଷ୍ଣୁଙ୍କ ପତ୍ନୀ ବୋଲାଇବା ମୂଳରେ ଏହି ତାତ୍ତ୍ୱିକ ସତ୍ୟ ନିହିତ । ଲକ୍ଷ୍ମୀ ସରସ୍ୱତୀଙ୍କ ସହ ଏକୀଭୂତ ହୋଇ ଯାଇଛନ୍ତି ଓ ଶସ୍ୟଦେବୀ ବୋଲାଇଛନ୍ତି ।

ଶସ୍ୟଦେବୀ ଭାବେ ହିଁ ଲକ୍ଷ୍ମୀ ଓ ପୃଥିବୀ ବା ଶ୍ରୀଦେବୀ ଓ ଭୂଦେବୀ ଅଭିନ୍ନ ଅଟନ୍ତି । ବିଷ୍ଣୁପୁରାଣର ଆଖ୍ୟାୟିକା ଅନୁସାରେ- ବିଷ୍ଣୁ ବରାହ ଅବତାର ଧାରଣ କରି ବସୁମତୀଙ୍କୁ ଉଦ୍ଧାର କରିଥିଲେ ଓ ପତ୍ନୀ ରୂପେ ଗ୍ରହଣ କରିଥିଲେ । ଏହି ଆଖ୍ୟାୟିକାଟି ଏକ ବିଶେଷ ଗୂଢ଼ତତ୍ତ୍ୱ ପ୍ରକାଶ କରିଥାଏ । ଶସ୍ୟଦାୟିନୀ ଧରିତ୍ରୀ ଓ ଶସ୍ୟଦେବୀ ଲକ୍ଷ୍ମୀ ଉଭୟେ ବିଷ୍ଣୁପତ୍ନୀ ରୂପେ ଅଭିନ୍ନ ଅଟନ୍ତି । ପରବର୍ତ୍ତୀ କାଳରେ ମହାଯାନୀ ବୌଦ୍ଧମାନଙ୍କର ବସୁଧାରା ଲକ୍ଷ୍ମୀ ମୂର୍ତ୍ତିରେ ଏହି ଧାରାର ବିବର୍ତ୍ତନ ଘଟିଛି । ବସୁଧାରା ଲକ୍ଷ୍ମୀ ମୂର୍ତ୍ତିଙ୍କର ଗୋଟିଏ ହସ୍ତରେ ମାତୃଦେବତାର ବିଶ୍ୱଜନୀନ ପ୍ରତୀକ ପୂର୍ଣ୍ଣଘଟ ଓ ଅନ୍ୟ ହସ୍ତରେ ଧାନ୍ୟମଞ୍ଜରୀ ଦେଖିବାକୁ ମିଳେ । ବିଦ୍ୱାନମାନଙ୍କ ମତରେ- ପ୍ରାକ୍ ବୈଦିକ ଯୁଗର ଭୂଦେବୀ ଓ ଶସ୍ୟଦେବୀ ତତ୍ତ୍ୱରୁ ହିଁ ପରବର୍ତ୍ତୀ କାଳରେ ଲକ୍ଷ୍ମୀ ଉପାସନାର ଉନ୍ମେଷ ଓ ବିକାଶର ପଥକୁ ସୁଗମ କରିଛି ।

ତାତ୍ତ୍ୱିକ ଦୃଷ୍ଟିକୋଣରୁ ଯଦି ଲକ୍ଷ୍ମୀ ହେଉଛନ୍ତି ଧରିତ୍ରୀ ବା ଧରଣୀ ଦେବୀ, ତେବେ ଗଣ୍ଡ, କୋହ୍ଲ, କନ୍ଧ, ବିଂଝାଲ, ଭତ୍ରା ପହରିଆ, ଭୁଞ୍ଜିଆ, କିଶାନ୍, କନ୍ଧ-ପରଜା, ମିର୍ଦ୍ଧା ଓ ସହଁରା ଆଦି ଜନଗୋଷ୍ଠୀ ମଧ୍ୟରେ ପ୍ରଚଳିତ ସୃଷ୍ଟି ମିଥ୍‌ରେ ପ୍ରଳୟାନ୍ତର ଜଳାର୍ଣ୍ଣବ ସତ୍ତାରୁ ମାଟି ବା ପୃଥିବୀ (ମିଥ୍‌ରେ ଧରତ୍ରୁନୀ ଓ ମେଦିନୀ)ର ଜନ୍ମ ବିଷୟରେ ଯେଉଁ କଥା ଭାଗ ରହିଛି, ତାହାରି ପୃଷ୍ଠଭୂମିରେ ହିଁ 'ସମୁଦ୍ର ଗର୍ଭରୁ ଲକ୍ଷ୍ମୀଙ୍କ ଜନ୍ମ' ପ୍ରସଙ୍ଗ କଳ୍ପିତ । ଏହି ମିଥ୍‌କୁ ପରବର୍ତ୍ତୀ ସମୟରେ ଆମର ପୁରାଣମାନେ ଗ୍ରହଣ କରିଛନ୍ତି । ପୁରାଣର ସୃଷ୍ଟି-ପ୍ରକରଣ ବର୍ଣ୍ଣନା ଅନୁସାରେ, ଦେବାସୁର ମିଶି ମନ୍ଦର-ଖୁଆଦଣ୍ଡରେ ସମୁଦ୍ର ମନ୍ଥନ କରିବାରୁ ଶସ୍ୟ ଓ ଅମୃତ କଳସ ଧରି ଲକ୍ଷ୍ମୀ ଜାତ ହୋଇଥିଲେ । ସେହି ଲକ୍ଷ୍ମୀଦେବୀ ନିଜ ଅଙ୍ଗରୁ ଧାନକୁ ସୃଷ୍ଟି କରିଥିଲେ । ତେଣୁ, ଲକ୍ଷ୍ମୀ ଓ ଶସ୍ୟ ଅଭିନ୍ନ ଅଟନ୍ତି । ଲକ୍ଷ୍ମୀ କୃଷି ସଂସ୍କୃତିର ପ୍ରତୀକ ଭାବେ ଗୃହୀତ । ଏଠାରେ ଲକ୍ଷ୍ୟ କରିବାର କଥା ଯେ, ସଦାବୈର ଭାବରେ ରହିଥିବା ଦୁଇଟି ସଂପ୍ରଦାୟ ଦେବତା ଓ ଅସୁର ମିଶି ସାଗର ମନ୍ଥନ କରିଛନ୍ତି । ଏ ଦୁଇ ଗୋଷ୍ଠୀର ଜୀବନ ଶୈଳୀରେ ଭିନ୍ନତା ପରିଲକ୍ଷିତ ହୋଇଥାଏ । ତଥାପି ଏମାନେ ଲକ୍ଷ୍ମୀଙ୍କୁ ଜାତ କରିବା ପାଇଁ ପରସ୍ପର ମଧ୍ୟରେ ସନ୍ଧି ସ୍ଥାପନ କରିଛନ୍ତି । ଏହି ଆଖ୍ୟାୟିକାଟି ପ୍ରକାରାନ୍ତରେ କୃଷି ସଂସ୍କୃତିରେ ଗୋଷ୍ଠୀ, ସଂପ୍ରଦାୟ ନିର୍ବିଶେଷରେ 'ପାରସ୍ପରିକ ସଂହତିର ଆବଶ୍ୟକତାକୁ ସୂଚାଇଥାଏ । ଯେଉଁମାନେ ଭାରତୀୟ ଗ୍ରାମ୍ୟ ସଂସ୍କୃତି ଉପରେ ବିଶେଷତଃ କୃଷି ସଂସ୍କୃତି ସଂପର୍କରେ ଅନୁଧ୍ୟାନ କରିଛନ୍ତି ସେମାନେ ନିଶ୍ଚୟ ଉପଲବ୍ଧି କରିଥିବେ ଯେ, କୃଷି ସଂସ୍କୃତିର ମୌଳିକ ଓ ମହନୀୟ ଗୁଣ ହେଉଛି 'ସଂହତି' ଏବଂ ସହାବସ୍ଥାନ । ଏହି 'ସଂହତି' କୁଟୁମ୍ବଠାରୁ ଆରମ୍ଭକରି ଗ୍ରାମ୍ୟ, ସମାଜ ଓ ସର୍ବୋପରି ରାଷ୍ଟ୍ର ପର୍ଯ୍ୟନ୍ତ ପରିବ୍ୟାପ୍ତ । ନବାନ୍ନ ପରି ଲୋକ ଅନୁଷ୍ଠାନଠାରୁ ଆରମ୍ଭକରି ପ୍ରଜାତିକ ଖଳାତନ୍ତ୍ର ପର୍ଯ୍ୟନ୍ତ ସର୍ବତ୍ର ଏହି ସଂହତିର ସ୍ୱାକ୍ଷର ବିଦ୍ୟମାନ । ଲକ୍ଷ୍ମୀ ଓ ଶସ୍ୟ ଉପାସନା ମାଧ୍ୟମରେ ଆମ ପୂର୍ବପୁରୁଷମାନେ କୃଷିଭିତ୍ତିକ ସମାଜରେ ସଂହତିର ମୂଲ୍ୟବୋଧକୁ ପ୍ରତିଷ୍ଠା କରିଯାଇଛନ୍ତି ।

ଲକ୍ଷ୍ମୀଙ୍କୁ ସାଗରସମ୍ଭୂତା ଭାବରେ କଳ୍ପନା କରାଯିବା ପରେ ସାଗରକନ୍ୟା ଧନଦେବୀ ଲକ୍ଷ୍ମୀଙ୍କ ସହ, ବିଭବର ପ୍ରତୀକ ଭାବରେ ସମୁଦ୍ରଜାତ କଉଡ଼ିକୁ ଅର୍ଥ ରୂପେ ବ୍ୟବହାର କରାଯାଇଛି । କଉଡ଼ିର ସ୍ୱାଭାବିକ ଯୋନି ସାଙ୍କେତିକ ଗଠନଶୈଳୀ ଯୋଗୁଁ ଏହାକୁ ପରବର୍ତ୍ତୀ କାଳରେ ମାତୃକାଦେବୀର ପ୍ରତୀକ ଓ ଲକ୍ଷ୍ମୀଯୋନି ଭାବରେ ଗ୍ରହଣ କରାଯାଇଛି । ଆମ ଲୋକଅନୁଷ୍ଠାନ ଗୁଡ଼ିକରେ ଏହି ଦୃଷ୍ଟିରୁ କଉଡ଼ିର ବହୁଳ ପ୍ରଚଳନ ଦେଖିବାକୁ ମିଳେ । ମାତୃକାଦେବୀର ପ୍ରତୀକ ଭାବରେ କଉଡ଼ିର ପ୍ରଚଳନ ମୂଳରେ ସାମ୍ୟବାଦୀ ଚିନ୍ତାଧାରା ନିହିତ । ଲୋକସଂସ୍କୃତିରେ ମାନବଚର୍ଯ୍ୟାର ବହୁ କ୍ଷେତ୍ରରେ ଯଥା- ଜନ୍ମ, ମୃତ୍ୟୁ, ବିବାହ, ଶ୍ରାଦ୍ଧ, ବାଳାଚାର, ସୁବାଚାର ଓ ସ୍ତ୍ରୀ ଆଚାର ଆଦିରେ କଉଡ଼ି ଓତପ୍ରୋତ ଭାବେ ଜଡ଼ିତ । ଧରିତ୍ରୀ, କଉଡ଼ି ଓ ଧାନ ଆମ ସଂସ୍କୃତିରେ ସାମ୍ୟ ଓ ସଂହତିର ପ୍ରତୀକ ଭାବେ ଗୃହୀତ ହୋଇଛି । ଶସ୍ୟଙ୍କ ମଧ୍ୟରେ ଶ୍ରେଷ୍ଠ ଧାନକୁ ଅନ୍ନ ନାମରେ ନାମିତ କରି ଅନ୍ନ ଓ ଲକ୍ଷ୍ମୀଙ୍କୁ ଅଭିନ୍ନ ଭାବେ ବର୍ଣ୍ଣନା କରାଯାଇଛି । ଏହି ଅନ୍ନ ହିଁ ବ୍ରହ୍ମ । ଯେଉଁଠି ବ୍ରହ୍ମ, ସେଇଠି ସମଭାବର ଦର୍ଶନ । ଉଚ୍ଚନୀଚ, ଜାତି, ଧର୍ମ, ବର୍ଣ୍ଣ ଓ ଛୁଆଁ ଅଛୁଆଁର ବହୁ ଉର୍ଦ୍ଧ୍ୱରେ ଏହି ବ୍ରହ୍ମ । ବ୍ରହ୍ମର ଯଥାର୍ଥ ଉପଲବ୍ଧ ହିଁ ସଂହତିର ସୂତ୍ର, ସମରସପୂର୍ଣ୍ଣ ସହାବସ୍ଥାନର ଆଧାର । ଧରିତ୍ରୀ, ବାୟୁ, ଅଗ୍ନି ଓ ଧାନ୍ୟ (ଅନ୍ନ) ଏମାନେ ଏହି ବ୍ରହ୍ମଙ୍କର ରୂପାନ୍ତର ବୋଲି ଲକ୍ଷ୍ମୀ ଗାଥାରେ ବର୍ଣ୍ଣିତ । ଏମାନଙ୍କଠାରେ ଜାତିପାତିର ବାରଣ ନାହିଁ । ସଚରାଚର ଜୀବସୃଷ୍ଟିକୁ ପାଳନ କରିବାପାଇଁ ଏମାନେ ସଦାବିଦ୍ୟମାନ । ଯେଉଁ ଜ୍ଞାନୀ ଏହି ସତ୍ୟକୁ ଉପଲବ୍ଧି କରିଥାଏ, ତା' ନିକଟରେ ସଂକୀର୍ଣ୍ଣ ମନୋଭାବର ଭେଦାଭେଦ ରହେନାହିଁ ।

ଛତିଶ ପାଟକ, ବାଉନ କୁଳ, ଚାରି ବର୍ଣ୍ଣ ସମସ୍ତଙ୍କର ପଡ଼ିଦାତ୍ରୀ ଲକ୍ଷ୍ମୀ । ତେଣୁ ସେ ବ୍ରାହ୍ମଣଠାରୁ ଚଣ୍ଡାଳ ପର୍ଯ୍ୟନ୍ତ ସମସ୍ତଙ୍କ ଘରକୁ ଯାଆନ୍ତି । ସମସ୍ତଙ୍କ ଭଣ୍ଡାର ଭିତରେ ରହନ୍ତି । ବଞ୍ଚିବା ପାଇଁ ଅନ୍ତତଃ ଅନ୍ନ ମୁଠାଏ ସମସ୍ତଙ୍କର କାମ୍ୟ । ତେଣୁ ଲକ୍ଷ୍ମୀଙ୍କୁ ସମସ୍ତେ ନିବେଦନ କରନ୍ତି- ନିଜ ନିଜ ଘରକୁ ବିଜେ କରିବା ପାଇଁ, ଲକ୍ଷ୍ମୀଙ୍କ ଉପରେ କାହାରି ଜଣକର ଏକାଧିକାର ନାହିଁ, ସମୂହର ଅଧିକାର ସମଭାବରେ ରହିଛି । ତେଣୁ ସେ ଗଣଦେବୀ, ଲୋକଜନନୀ । ଯିଏ ଏହି ସନାତନ ସାମ୍ୟନୀତିର ବିରୋଧ କରେ, ସେ ହୁଏ ଲକ୍ଷ୍ମୀଦ୍ରୋହୀ । ଶ୍ରୀୟା ଚାଣ୍ଡାଳୁଣୀ ଉପାଖ୍ୟାନ ମଧ୍ୟରେ ବଡ଼ଠାକୁର ବଳରାମ ଓ ଶ୍ରୀଜଗନ୍ନାଥ ବର୍ଣ୍ଣବୈଷମ୍ୟବାଦର ପ୍ରବକ୍ତା ଭାବରେ ପ୍ରକାରାନ୍ତରେ ଅନ୍ନବୈଷମ୍ୟବାଦକୁ ପ୍ରତିଷ୍ଠା କରିବାର ଚେଷ୍ଟା କରିଛନ୍ତି । ତାଙ୍କ ଦୃଷ୍ଟିରେ ଲକ୍ଷ୍ମୀ ଚଣ୍ଡାଳୁଣୀ ଘରକୁ ଯିବା ଉଚିତ୍ ହୋଇନାହିଁ । ଏହି ଆପତ୍ତିର ଯେଉଁ ଉତ୍ତର ସାମ୍ୟ, ମୈତ୍ରୀ ଓ ସଂହତିର ପରମେଶ୍ୱରୀ ଦେବୀ ଲକ୍ଷ୍ମୀ ଜଗନ୍ନାଥଙ୍କୁ ଦେଇଛନ୍ତି, ତାହା ଯେକୌଣସି ଉଚ୍ଚ ଚିନ୍ତାଧାରା ସମାଜବାଦୀ ଦର୍ଶନ ସଙ୍ଗେ ତୁଳନୀୟ । ଲକ୍ଷ୍ମୀପୁରାଣର ଏହି ପ୍ରସଙ୍ଗ ବା ଲକ୍ଷ୍ମୀଗାଥା ସାମାଜିକ ସଂହତିର ବାର୍ତ୍ତାପାଇଁ ଯେଉଁ କ୍ରାନ୍ତିଦର୍ଶନକୁ ପ୍ରଚାର କରିଛି, ଭାରତୀୟ ଅନ୍ୟାନ୍ୟ ପ୍ରାଦେଶିକ ସାହିତ୍ୟରେ ତାହା ଦେଖାଯାଏ ନାହିଁ । ସୃଷ୍ଟିର କାରଣ ପଞ୍ଚଭୂତ ସମସ୍ତେ ଭେଦାଭେଦ ଭାବନା ରହିତ । ଧରିତ୍ରୀ ସମସ୍ତଙ୍କୁ ଜାତ କରି କୋଳରେ ଧରିଛି, ଅନ୍ନରୂପୀ ଲକ୍ଷ୍ମୀ ସମସ୍ତଙ୍କୁ ପ୍ରତିପାଳୁଛନ୍ତି- ଏ ଦୁହିଁଙ୍କ ନିକଟରେ ଜାତି-ବର୍ଣ୍ଣର ବାରଣ ନାହିଁ । ତେଣୁ ଜାତି-ବର୍ଣ୍ଣ ଆଦି ଈଶ୍ୱରସୃଷ୍ଟ ନୁହେଁ, ସୁବିଧାବାଦୀ ମଣିଷ ଦ୍ୱାରା ହିଁ ସୃଷ୍ଟି । ଏହି ମୂଲ୍ୟହୀନ ବ୍ୟବସ୍ଥାକୁ ନେଇ ମଣିଷ-ମଣିଷ ଭିତରେ ଦ୍ୱନ୍ଦ୍ୱ, କନ୍ଦଳ ଲାଗିରହିଛି ଓ ଛୁଆଁ ଅଛୁଆଁ ଭେଦଭାବ ରହିଆସିଛି । ଏହି ବ୍ୟବସ୍ଥାକୁ ଅସ୍ୱୀକାର କରି ସାମାଜିକ ମୈତ୍ରୀ ଓ ସଂହତିର ପ୍ରତିଷ୍ଠା ନିମନ୍ତେ ଆମ ଲକ୍ଷ୍ମୀପୁରାଣରେ ବଞ୍ଚିତ ମାଣବସାର ଲୋକଜନନୀ ମହାଲକ୍ଷ୍ମୀ ବିଦ୍ରୋହ କରିଛନ୍ତି । ଯାହା ବିଶ୍ୱର ସାମାଜିକ-କ୍ରାନ୍ତି ଇତିହାସରେ ଅସାଧାରଣ ମନେହୁଏ ।

## ଆଜିର ଚିନ୍ତନ

ଭଗବତ ଗୀତା''ରେ କର୍ମଯୋଗ ବିଷୟରେ କୁହାଯାଇଛି ଯେ, ସ୍ୱଧର୍ମ ଆଚରଣକାରୀର କର୍ମରେ ଫଳତ୍ୟାଗ ଆବଶ୍ୟକ । କର୍ମ କର, ମାତ୍ର ତାହାର ଫଳରେ ଆଶା ରଖନାହିଁ । ଗଛକୁ ପାଣି ଦିଅ, ଲାଳନପାଳନ କର, କିନ୍ତୁ ନିଜ ପାଇଁ ତାହାର ଛାୟା, ଫୁଲ, ଫଳର ଆଶା ରଖ ନାହିଁ । ଏହି ସ୍ୱଧର୍ମ ଆଚରଣରୂପକ କର୍ମ ତୁଚ୍ଛା କର୍ମ ନୁହେଁ, ଉତ୍ତମ ରୂପେ କର୍ମ କରି ତାହାର ଫଳ ତ୍ୟାଗ କରିବା କଥାଟି କହିବାକୁ, ବୁଝିବାକୁ ସହଜ କିନ୍ତୁ ପାଳିବା କଷ୍ଟ । କର୍ମ କରି ଫଳର ଆସକ୍ତି ଛାଡିବାର ସହାୟକ ବିଶେଷଣ ହେଉଛି - ଦେହ ଓ ଆତ୍ମା । ଆଖିରେ ଆମେ ଯେଉଁ ରୂପକୁ ଦେଖି ତାକୁ ଆମେ ମୂର୍ତ୍ତି, ଆକାର ବା ଦେହ କହୁ । ବାହ୍ୟ ରୂପର ପରିଚୟ ପାଇଲେ ମଧ ସେ ବସ୍ତୁର ଆଭ୍ୟନ୍ତରକୁ ଆମକୁ ପ୍ରବେଶ କରିବାକୁ ପଡେ । ଫଳର ଉପର ଚୋପାକୁ ଛଡାଇ ତାହା ଭିତରର ଶସ ଚାଖିବାକୁ ପଡେ ଯେପରି ନଡ଼ିଆକୁ ଭାଙ୍ଗି ତା' ଭିତରକୁ ଦେଖିବାକୁ ହୁଏ । ପଣସ ଉପର କଣ୍ଟାକୁ ନଦେଖି ଆମେ ତା 'ଭିତରର ରସୁଆଳ ଶସକୁ ଦେଖୁ । ତେଣୁ ପ୍ରତ୍ୟେକ ବସ୍ତୁର ବାହ୍ୟ ରୂପ ବା ଦେହ ଏବଂ ଅଭ୍ୟନ୍ତରୀଣ ରୂପ ବା ଆତ୍ମା ଏପରି ଦୁଇଟି ସ୍ୱରୂପ ରହିଛି । ମଣିଷର କର୍ମରେ ମଧ ଏହା ଘଟେ । କର୍ମ ଦ୍ୱାରା ବାହ୍ୟ ଫଳ ହେଉଛି କର୍ମର ଦେହ ଏବଂ କର୍ମ ଦ୍ୱାରା ମନରେ ଯେଉଁ ପ୍ରଭାବ ବା ଚିତ୍ତଶୁଦ୍ଧି ଘଟେ ତାହା କର୍ମର ଆତ୍ମା । ସ୍ୱଧର୍ମ ଆଚରଣର ବାହ୍ୟଫଳରୂପୀ ଦେହକୁ ଛାଡି ଆଭ୍ୟନ୍ତରୀଣ ଚିତ୍ତଶୁଦ୍ଧିରୂପୀ ଆତ୍ମାକୁ ଆମର ଗ୍ରହଣ କରିବା ଉଚିତ । ଅତ୍ୟଧିକ ଦେହାସକ୍ତ ଦ୍ୱାରା ମଣିଷ ବୁଝେ ଯେ, ସେ କେବଳ ଏକ ଦେହ ରୂପ ଓ ଦେହ ହିଁ ସବୁଠାରେ ମୁଖ୍ୟ ସ୍ଥାନ ନିଏ । ନିଜର ବିବେକ ଓ ଆତ୍ମାର ମାଧୁର୍ଯ୍ୟ ଓ ସୌନ୍ଦର୍ଯ୍ୟ ଆଡକୁ ଗୁରୁତ୍ୱ ଦେଲେ ମଣିଷ,ବୁଝିପାରେ ଯେ, ସେ କେବଳ ଏ ଦେହ ନୁହେଁ, ବରଂ ସେ ଯାହା ତାହା ଏ ଦେହଠାରୁ ଭିନ୍ନ ଅତ୍ୟନ୍ତ ସୁନ୍ଦର, ଉଜ୍ଜଳ, ପବିତ୍ର ଓ ତ୍ରୁଟିରହିତ । ମନୁଷ୍ୟ ଦେହ ବହୁ ମୂଲ୍ୟବାନ ହୁଏ ଯେତେବେଳେ ସେ ତାର ସ୍ୱାର୍ଥ ଛାଡି ଆଖପାଖ ବା ଚତୁର୍ଦିଗର ସୃଷ୍ଟିକୁ ରକ୍ଷା କରେ । ନିଜେ ସଂଯମତା ରକ୍ଷା କରି ଅନ୍ୟାନ୍ୟ ଜୀବଜଗତଙ୍କ ମଙ୍ଗଳ ଓ ରକ୍ଷା ନିମନ୍ତେ ଉଦ୍ୟମ କରିବା ସହିତ ସମସ୍ତଙ୍କୁ ସାଇତି ସମ୍ଭାଳି ରଖିବା ଭାବନା ଧରି ରଖେ । ଏଥିପାଇଁ ମାନବ ଦେହକୁ ଦୁର୍ଲଭ କୁହାଯାଇଛି । ଏ ଦେହ ସାଧ୍ୟ ନୁହେଁ ସାଧନ ମାତ୍ର । ଦେହର ବାହ୍ୟ ସୌନ୍ଦର୍ଯ୍ୟ ଅପେକ୍ଷା ମଣିଷ ତାର ମନକୁ ସୁନ୍ଦର ଚିନ୍ତା ଭାବନାରେ ସଜାଇବା, ବୁଦ୍ଧିର ବିକାଶ ଘଟାଇବା ଓ ହୃଦୟକୁ ସ୍ୱଚ୍ଛ ସୁନ୍ଦର କରିବା ଉପରେ ଗୁରୁତ୍ୱ ଦେଲେ ଜୀବନ - ପଥ ସୁଗମ ହୁଏ ।

# ମାସ ଶ୍ରେଷ୍ଠ ମାର୍ଗଶୀର

ମାସ ମଧ୍ୟରେ ମାର୍ଗଶୀର ଶ୍ରେଷ୍ଠ ବୋଲି ଭଗବଦ୍ ଗୀତାରେ ଶ୍ରୀକୃଷ୍ଣଙ୍କ ସଖା ଅର୍ଜୁନଙ୍କ ନିକଟରେ ପ୍ରକାଶ କରିଛନ୍ତି । ଶ୍ରୀକୃଷ୍ଣ କହୁଛନ୍ତି 'ମାସାନାଂ ମାର୍ଗଶୀର୍ଷୋହଂ' ଅର୍ଥାତ୍ ମାସ ମଧ୍ୟରେ ମୁଁ ମାର୍ଗଶୀର । ହିନ୍ଦୁ ପଞ୍ଜିକା ଅନୁଯାୟୀ ଏହା ବର୍ଷର ପ୍ରଥମ ମାସ । ଏହି ମାସଟି ଶ୍ରୀ ବା ଲକ୍ଷ୍ମୀଙ୍କୁ ସମର୍ପିତ । ମା'ଲକ୍ଷ୍ମୀ ଜଗତର ପାଳନ କର୍ତ୍ତ୍ରୀ । ସେ ସନ୍ତୁଷ୍ଟ ହେଲେ ଘରର ଶ୍ରୀବୃଦ୍ଧି ହୋଇଥାଏ । ଅଭାବକଷଣ ରହେ ନାହିଁ । ମାର୍ଗଶୀରରେ ଧାନଅମଳ ହୁଏ । ଏଣୁ ଗ୍ରାମବାସୀମାନଙ୍କ ଖଳା ପାଚିଲା ଧାନରେ ଭରିଉଠେ । ଶୀତଦିନିଆ ପରିବା ପତ୍ର ଚାଷରେ ମଧ କ୍ଷେତ ହସିଥାଏ । ଖାଦ୍ୟପେୟର ଅଭାବ ଅସୁବିଧା ଦୂର ହୋଇ ଯାଉଥିବାରୁ ସମସ୍ତେ ଖୁସି ରହନ୍ତି । ଧରଣୀ ପୃଷ୍ଠକୁ ଧନଦାତ୍ରୀଙ୍କ ଅବତରଣ ହେବା ପରି ଅନୁଭବ ହୁଏ । ଲକ୍ଷ୍ମୀ ପରିଷ୍କାର ପରିଚ୍ଛନ୍ନତା ପ୍ରିୟ । ଓଡ଼ିଆଙ୍କ ଘରେ ଘରେ ଗୃହିଣୀମାନେ ମାର୍ଗଶୀରର ପ୍ରତିଟି ଗୁରୁବାର ଲକ୍ଷ୍ମୀ ପୂଜା କରିଥାନ୍ତି । ଶୁକ୍ଳ ପକ୍ଷ ଗୁରୁବାର ଦେଖି ମାଣବସା



ହୋଇଥାଏ । ଏଥିରେ ମାଣପୂର୍ଣ୍ଣ ନୂଆଧାନକୁ ଲକ୍ଷ୍ମୀଙ୍କ ପ୍ରତୀକ ଭାବେ ପୂଜା କରାଯାଏ । ଭକ୍ତ ବଳରାମ ଦାସଙ୍କ ରଚିତ ଲକ୍ଷ୍ମୀ ପୁରାଣ ପାଠ କରାଯାଏ । ମାର୍ଗଶୀର ଗୁରୁବାରର ମୁଖ୍ୟ ଆକର୍ଷଣ ହେଉଛି ଝୋଟି । ଚାଉଳ ବଟାରେ ଓଡ଼ିଆ ଗୃହିଣୀମାନେ ଲକ୍ଷ୍ମୀପାଦ, ପଦ୍ମ, ଲଟାପତ୍ର, ହାତୀ, ଧାନସୀସା ଇତ୍ୟାଦି ଚିତ୍ର ଆଙ୍କିଥାନ୍ତି । ଗୁରୁବାର ପୂର୍ବଦିନ ଘର ଲିପାପୋଛା କରାଯାଇ ସଫାସୁତୁରା କରାଯିବା ସହିତ ପ୍ରତ୍ୟେକ ଘରର ଦ୍ୱାରବନ୍ଧରେ ଲକ୍ଷ୍ମୀପାଦ ଚିହ୍ନ ଅଙ୍କା ଯାଇଥାଏ । ଏହା ଘର ପରିବେଶକୁ ସୁନ୍ଦର ତଥା ପବିତ୍ର କରିବାରେ ସହାୟକ ହୁଏ । ଗୁରୁବାର ସାତ୍ତ୍ୱିକ ଭୋଜନ ମନକୁ ମଧ ସାତ୍ତ୍ୱିକ ରଖେ । ସବୁଆଡ଼େ ସକରାତ୍ମକ ପ୍ରଭାବ ସୃଷ୍ଟିହେବା ସହିତ ପରିବେଶ ଶୋଭାମୟ ବା ଶ୍ରୀମୟ ହୋଇଉଠେ ।

ବିଶ୍ୱରେ ଅନ୍ୟତମ ଶ୍ରେଷ୍ଠ ଶାସ୍ତ୍ରର ମାନ୍ୟତା ପାଇଥିବା ଶ୍ରୀମଦ୍ ଭଗବଦ୍ ଗୀତାର ଆର୍ବିଭାବ ଏହି ମାର୍ଗଶୀରରେ ହୋଇଥିଲା ବୋଲି ବିଶ୍ୱାସ କରାଯାଏ । ଏଣୁ ମାର୍ଗଶୀର ଶୁକ୍ଳ ଏକାଦଶୀ ତିଥିରେ ପାଳିତ ହୁଏ ଗୀତା ଜୟନ୍ତୀ । ସେହିପରି ମାର୍ଗଶୀର ପୂର୍ଣ୍ଣିମା ଭଗବାନ୍ ଦତ୍ତାତ୍ରେୟଙ୍କ ଜନ୍ମ ଦିବସ ଅଟେ । ଭଗବାନ୍ ଦତ୍ତାତ୍ରେୟ ବ୍ରହ୍ମା, ବିଷ୍ଣୁ, ମହେଶ୍ୱରଙ୍କ ସମାହାର ଅଟନ୍ତି । ଅନ୍ୟପକ୍ଷରେ ମାର୍ଗଶୀର ଶୁକ୍ଳ ପକ୍ଷ ସପ୍ତମୀରେ ପାଳନ ହୁଏ ମିତ୍ର ସପ୍ତମୀ । ଏହି ଦିନ ସୂର୍ଯ୍ୟଙ୍କ ଉପାସନା କରାଯାଏ ।

## ଆଣ୍ଟିବଡ଼ି ସୃଷ୍ଟିକରେ ଗାଜର



ଗାଜରରେ ଅନେକ ପ୍ରକାର ଉପକାରୀ ଗୁଣ ଭରିରହିଛି । ସବୁଠାରୁ ଖାସ୍ କଥା ହେଲା, ଏହାକୁ ନିୟମିତ ଖାଇଲେ ତାହା ଶରୀରରେ ଆଣ୍ଟିବଡି ସୃଷ୍ଟି କରିବାରେ ସାହାଯ୍ୟ କରିଥାଏ । ଏଥିରେ ଭିଟାମିନ୍ 'ସି' ମଧ ରହିଛି । ଗାଜରରେ ଆଣ୍ଟିଅକ୍ସିଡାଣ୍ଟ ଗୁଣ ଥିବାରୁ ତାହାକୁ ଡାଇବେଟିସ୍ ସହ ଜଡ଼ିତ ବ୍ୟକ୍ତି ନିଜ ଖାଦ୍ୟ ତାଲିକାରେ ସାମିଲ କରିପାରିବେ । ଏହା ରକ୍ତରେ ଶର୍କରା ପରିମାଣକୁ ସନ୍ତୁଳିତ ରଖିବା ସହ ଉଚ୍ଚ ରକ୍ତଚାପକୁ ନିୟନ୍ତ୍ରଣରେ ରଖେ । ଓଜନକୁ ଏହା ସନ୍ତୁଳିତ ରଖେ କାରଣ ଏଥିରେ ଫାଇବର ପ୍ରଚୁର ମାତ୍ରାରେ ରହିଛି । କଞ୍ଚାଗାଜର ଖାଇବା ଦ୍ୱାରା ଦାନ୍ତ ଶକ୍ତ ହୋଇଥାଏ ।

ବର୍ଷ ୨୭, ସଂଖ୍ୟା- ୪୯, ୩ - ୯ ଡିସେମ୍ବର ୨୦୨୩

# ଆସିଛୁ ଖାଲି ଯିବୁ ତୁ ଖାଲି

ମହାତ୍ମା ଗାନ୍ଧୀ କହୁଥିଲେ, ଆବଶ୍ୟକତା ଠାରୁ ଅଧିକ ସମ୍ପତ୍ତି ଆହରଣ କରିବା ହେଉଛି ଚୋରି । ଏହାର ସରଳ ଅର୍ଥ ହେଲା- ଅଳ୍ପରେ ସନ୍ତୁଷ୍ଟ ରହିବା । କିନ୍ତୁ ଦୁର୍ଭାଗ୍ୟର ବିଷୟ ମଣିଷ ଜାତି ଚିରକାଳ ସମ୍ପତ୍ତି ଆହରଣ ଲୋଭରେ ଏହି ବିଷ ପଛରେ ଧାଇଁ ଚାଲିଛି । ତଥାପି ତା'ର ତୃଷ୍ଣା ମେଣ୍ଟୁନାହିଁ ।

କ୍ଷୁଦ୍ର ମାସିଡୋନିଆ ରାଜ୍ୟର ରାଜା ଆଲେକଜାଣ୍ଡାର ରାଜ୍ୟ ପରେ ରାଜ୍ୟ ଜୟ କରି ଚାଲିଥିଲେ । ତଥାପି ରାଜ୍ୟ ଜୟ କରିବାର ଲୋଭ ନିବାରଣ କରିପାରୁ ନ ଥିଲେ । ଶେଷରେ ସ୍ୱର୍ଣ୍ଣପ୍ରସୂ ଭାରତବର୍ଷକୁ ଆକ୍ରମଣ କରିବାକୁ ବାହାରିଛନ୍ତି । ସେଥିରେ ଅଛନ୍ତି, ସୈନ୍ୟସାମନ୍ତଙ୍କ ବିଶାଳ ପଟୁଆର । କୋଳାହଳରେ ଫାଟିପଡୁଛି ଏଥେନ୍ସ ନଗରୀର ରାଜରାସ୍ତା । ନଗରୀର ଉପାନ୍ତରେ ଏକ ଭଙ୍ଗାକୁଡ଼ିଆରେ ରହୁଥାନ୍ତି ଦାର୍ଶନିକ ଡାଓଜିନିସ୍ ଏବଂ କୁକୁରଟିଏ । ସାଧାରଣ ଲୋକଟିଏ ତାଙ୍କୁ ଭିକାରି ବୋଲି ଭାବିଥାଏ । ସେଦିନ କୁଡ଼ିଆରେ ଡାଓଜିନିସ୍ ଶୋଇଥିଲେ । କୋଳାହଳ ଶୁଣି ତାଙ୍କ ନିଦ ଭାଙ୍ଗିଗଲା । ସେ ଉଠି ଦେଖନ୍ତି ତ ଆଲେକଜାଣ୍ଡାରଙ୍କ ବିଶାଳ ସେନା ଆଗକୁ ମାଡ଼ିଚାଲିଛନ୍ତି । ସେ ବିଳମ୍ବ ନ କରି ସୈନିକମାନଙ୍କ ଆଡ଼କୁ ଧାଇଁଲେ ଏବଂ ଉଚ୍ଚ କଣ୍ଠରେ ଚିତ୍କାର କରି କହିଲେ, "ରହିଯାଅ ! ମୋର ସମ୍ରାଟ ଆଲେକଜାଣ୍ଡାରଙ୍କୁ କିଛି ଦେବାର ଅଛି ।" ଏହା କହି ସେ ଆଲେକଜାଣ୍ଡାରଙ୍କ ନିକଟକୁ ଯାଇ ତାଙ୍କ ହାତରେ ମୁଦ୍ରାଟିକୁ ଧରାଇ ଦେଲେ । ଆଲେକଜାଣ୍ଡାର ଆଶ୍ଚର୍ଯ୍ୟ ହୋଇ ପଚାରିଲେ, "ଏହା କ'ଣ ?" ଡାଓଜିନିସ କହିଲେ କିଛିଦିନ ତଳେ ଜଣେ ଧନୀ ଲୋକ ମୋତେ ଭିକାରୀଟିଏ ଭାବି ମୋ କୁଡ଼ିଆ ନିକଟକୁ ଏହି ମୁଦ୍ରାକୁ ଫୋପାଡ଼ି ଦେଇଥିଲେ । ସେଇଦିନୁ ମୁଁ ଭାବିଥିଲି ଯେ ମୋଠାରୁ ଯଦି କେବେ ଏକ ବଡ଼ ଭିକାରୀ ଦେଖିବି ସେଦିନ ତାକୁ ଏହି ମୁଦ୍ରାଟି ଉପହାର ଦେବି । ଆଜି ତୁମକୁ ପାଇଗଲି, ମୋ ମୁଣ୍ଡରୁ ବୋଝ ଉତୁରି ଗଲା, ତେଣୁ ତୁମ ହାତରେ ଏ ମୁଦ୍ରାଟି ଧରାଇଦେଲି ।

ଆଲେକଜାଣ୍ଡାର ଅତ୍ୟନ୍ତ ଉତ୍ତେଜିତ ହୋଇ କହିଲେ ଜାଣିଛ ! ମୁଁ ବିଶ୍ୱବିଜୟୀ ଗ୍ରୀକ୍ ବୀର ଆଲେକଜାଣ୍ଡାର । ପୃଥିବୀର ସମସ୍ତ ଐଶ୍ୱର୍ଯ୍ୟ ଓ ପ୍ରାଚୁର୍ଯ୍ୟ ଆଜି ମୋ ପାଦତଳେ । ମୋତେ ଏପରି କହିବାର ପରିଣାମ ତୁମେ ଅନୁମାନ କରିପାରୁଛ ତୁମେ କ'ଣ ଭାବିପାରୁ ନାହଁ ଯେ, ଏଇ ମୁହୂର୍ତ୍ତରେ ଚାହିଁଲେ ମୁଁ ତୁମର ଶିର ଛେଦନ କରିବି । ଦାର୍ଶନିକ ଅବିଚଳିତ ଥିଲେ । ସେ ଧୀର ଗମ୍ଭୀର ସ୍ୱରରେ କହିଲେ, ଶୁଣ ସମ୍ରାଟ୍ ! ଯିଏ ଚାହୁଁଥିବ କୋଟିଏ, କିନ୍ତୁ ପାଉଥିବ ଗୋଟିଏ । ସେ ଏ ସଂସାରରେ ସବୁଠାରୁ ବଡ଼ ଦରିଦ୍ର । ଯିଏ ଜୀବନରେ କିଛି ଚାହେଁ ନାହିଁ, କିଛି ବି ପାଇନାହିଁ ସେ ଧନୀ ହୋଇ ନ ପାରେ କିନ୍ତୁ ତୁମ ଭଳି ଦରିଦ୍ର ନୁହେଁ । ସରଳ ଅର୍ଥରେ ବୁଝାଇ କହିଲେ, ଆବଶ୍ୟକତା ଠାରୁ ଅଧିକ ଅର୍ଥ, କ୍ଷମତା ଓ ପ୍ରତିପତିର ପିପାସା ହିଁ ପ୍ରକୃତ ଦାରିଦ୍ର୍ୟ । ଯାହାର ତୃଷା ବା ଅଭିଳାଷ ଯେତେ ଅଧିକ ସେ ଅଧିକ ଦରିଦ୍ର । ଯାହାର ମନ ସନ୍ତୁଷ୍ଟ ଓ ତୃପ୍ତ, ତା ପାଇଁ ଧନୀ ଦରିଦ୍ର ମଧ୍ୟରେ କି ପାର୍ଥକ୍ୟ ଅଛି । ସମ୍ରାଟ୍ ବର୍ତ୍ତମାନ ତୁମେ କୁହ, ତୁମେ ଭିକାରୀ ନା ମୁଁ ଭିକାରୀ ।

ବାସ୍ତବରେ ଏ ସଂସାରରେ ଭିକାରୀ କିଏ ? ଭିକାରୀ ସିଏ ନୁହେଁ ଯିଏ ଅନ୍ୟ ଆଗରେ ହାତ ପାତି ମାଗେ । ପ୍ରକୃତ ଭିକାରୀ ତ ସେ ଯାହାପାଖରେ ସବୁଥାଇ ମଧ ସେ ଆହୁରି ଚାହୁଁଥାଏ । ଏଭଳି ଏକ ପ୍ରସଙ୍ଗ ଏଠାରେ ଅବତାରଣା କରିବାର ଉଦ୍ଦେଶ୍ୟ ହେଉଛି, ଏହା ଯେ ବିଶ୍ୱ ଅଭିଯାନରେ ବାହାରିଥିବା ସମ୍ରାଟ ଆଲେକଜାଣ୍ଡାର ନିଜ ଦେଶକୁ ମଧ ଫେରି ପାରିଲେ ନାହିଁ । ଭାରତ ଅଭିଯାନ ସାରି ଫେରିବା ବାଟରେ ବେବିଲୋନ ନଗରୀରେ ମାତ୍ର ୩୩ ବର୍ଷ ବୟସରେ ସେ ପ୍ରାଣତ୍ୟାଗ କଲେ ।

ରାଜଧାନୀ ଏଥେନ୍ସ ଥିଲା ମାତ୍ର ୨୪ ଘଣ୍ଟାର ବାଟ । ସବୁଠାରୁ ଉଲ୍ଲେଖଯୋଗ୍ୟ କଥା ହେଲା ଯେ, ମୃତ୍ୟୁପୂର୍ବରୁ ଆଲେକଜାଣ୍ଡାର ଅଙ୍ଗରକ୍ଷୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ "ମୋ ଶବାଧାରକୁ ସମାଧି ସ୍ଥଳକୁ ନେବାବେଳେ ମୋ ହାତ ଯୋଡ଼ିକୁ ଦୁଇ ପଟକୁ ଝୁଲାଇ ଦେଇଥିବ, ଯେପରି ସମଗ୍ର ବିଶ୍ୱ ଜାଣିବ ଯେ ଆଲେକଜାଣ୍ଡାର ଶୂନ୍ୟ ହସ୍ତରେ ଆସିଥିଲା ଏବଂ ମୃତ୍ୟୁ ପରେ ମଧ୍ୟରେ ସେ ଶୂନ୍ୟ ହସ୍ତରେ ଫେରିଯାଇଛି । ଜୀବନରେ ଆଲେକଜାଣ୍ଡାର ଅନେକ ହୀରାଲୀଳା ଇତ୍ୟାଦି ଅଜସ୍ର ସମ୍ପତ୍ତି ଅର୍ଜନ କରିଥିଲେ । ମାତ୍ର ପରିଶେଷରେ ଏଗୁଡ଼ିକ ମୂଲ୍ୟହୀନ ଥିଲା । ଆଲେକଜାଣ୍ଡାରଙ୍କ କହିବାନୁସାରେ, ମୋ ଶବକୁ ଚାରିଜଣ ଶ୍ରେଷ୍ଠ ଚିକିତ୍ସକ କାନ୍ଧରେ ବୋହି ନେଇ ଯାଉଥିବେ ଯାହା ଦେଖି ସମସ୍ତେ ଜାଣିବେ ସେମାନେ ତାଙ୍କର ଜୀବନ ରକ୍ଷା ପାଇଁ ସାମାନ୍ୟ ମାତ୍ର ସାହାଯ୍ୟ କରିପାରିଲେ ନାହିଁ ବା କାଣିକଉଡ଼ିଏ ମଧ ତାଙ୍କ ସହ ନେଲେ ନାହିଁ ।

ଇତିମଧ୍ୟରେ ଅନେକ ବର୍ଷ ବିତିଯାଇଛି ତଥାପି ମଣିଷ ଏବେବି ନୀତି, ନୈତିକତା, ମୂଲ୍ୟବୋଧ ଓ ମଣିଷ ପଣିଆକୁ ଜଳାଞ୍ଜଳି ଦେଇ ସାରା ଜୀବନ ସେଇ ଧନସମ୍ପତ୍ତି ଲୋଭରେ ଧାଇଁ ଚାଲିଛି । ବଡ଼ ବିଚିତ୍ର ଏ ମଣିଷର ପ୍ରକୃତି । ଘର ଦ୍ୱାର, କୋଠାବାଡ଼ି, ଧନସମ୍ପତ୍ତି ପଛରେ ଧାଇଁ ଧାଇଁ ଜୀବନର ଅମୂଲ୍ୟ ସମ୍ପଦ ସ୍ୱାସ୍ଥ୍ୟକୁ ହଜେଇଦିଏ । ସେଇ ସ୍ୱାସ୍ଥ୍ୟକୁ ଲୋକେ ଫେରିବା ପାଇଁ ଡାକ୍ତର ଦୁଆରେ ଅଜସ୍ର ପଇସା ଖର୍ଚ୍ଚ କରେ । ମାତ୍ର ପରିଶେଷରେ କ'ଣ ହୁଏ ? ମୃତ୍ୟୁ ହିଁ ତା'ର ଶେଷ ଠିକଣା ପାଲଟିଯାଏ ।


ଏଠି ଆସେ ଯେତେ, ଯାଏ ସେତେ ଅଥଚ ନିର୍ବୋଧ ମଣିଷ ଏକ ଅସରନ୍ତି ଶୋଷ ପଛରେ ଧାଇଁଥାଏ । ଇଏ କେଉଁପ୍ରକାରର ଗଣିତ । ରାତି ସରିଯାଏ ସିନା ସ୍ୱପ୍ନ ସରେନା, ବାଟ ସରିଯାଏ ସିନା କିନ୍ତୁ ବାସ୍ତବରେ ବାଟ ସରେନା । ଏଠି ବସ୍ତୁବାଦୀ ଜୀବନର ଅନ୍ୟ ନାମ 'ବସ୍ତୁପ୍ରୀତି ବା ବସ୍ତୁବାଦୀ' । ଏକବିଂଶ ଶତାବ୍ଦୀର ମଣିଷ ଏବେ ଏକ ମେସିନରେ ପରିଣତ ହୋଇଯାଇଛି । ସେଥିପାଇଁ ସମସ୍ତ ଭୌତିକ ବିକାଶ ସତ୍ତ୍ୱେ ମଣିଷ ଆଜି ଖୁବ୍ ନିଃସହାୟ । ଜୀବନ ପାଖରେ ଜୀବନ ବିତାଇବା ପାଇଁ ସକଳ ସୁଖ ସାଧନ ଅଛି ମାତ୍ର ଶାନ୍ତି ସୁଦୂର ପରାହତ । ଚାରିପାଖରେ ପର୍ଯ୍ୟାପ୍ତ ଭୋଜନ ଅଛି, କିନ୍ତୁ ପେଟରେ ଭୋକ ନାହିଁ । ବିଳାସମୟ ପ୍ରାସାଦ ଅଛି, କିନ୍ତୁ ସୁନିଦ୍ରା ନାହିଁ । ପରିପୂର୍ଣ୍ଣ ପରିବାର ଅଛି କିନ୍ତୁ ପ୍ରସନ୍ନତା ନାହିଁ । ଫେସବୁକ୍‌ରେ ଅସଂଖ୍ୟ ବନ୍ଧୁ କିନ୍ତୁ ଦୁଃଖ ଶୁଣିବାକୁ ଜଣେ ବି ନାହିଁ । ସୁଖର ମରୀଚିକା ପଛରେ ଧାଇଁ ଧାଇଁ ମଣିଷ ଆଜି ଖୁବ୍ ଦୁଃଖୀ ।

ଟଲଷ୍ଟୟଙ୍କ ଗଳ୍ପର ନାୟକ ପାହୋମ୍ ଭଳି ସକାଳୁ ସଞ୍ଜଯାଏଁ ଗଳଦ୍‌ଘର୍ମ ହୋଇ ଖାଲି ଧାଉଁଛି । ଏମିତି ଧାଁଦଉଡ଼ର ଅର୍ଥ କ'ଣ ଜୀବନ ? କିଏ ଜଣେ ମହାତ୍ମା କହିଥିଲେ, ମନ୍ଦିର ହେଉଛି ଏକ ଅଦ୍ଭୁତ ସ୍ଥାନ ଯେଉଁଠି ଗରିବ ବାହାରେ ଭିକ ମାଗେ ଏବଂ ଧନୀ ଭିତରେ ଭିକ ମାଗେ । ବାସ୍ତବରେ କହିବାକୁ ଗଲେ ସମସ୍ତେ ଏଠି ଭିକାରୀ ।

ଯେଉଁଦିନ ଏ ନିଃସ୍ୱ ମଣିଷ ବୁଝିବ ଯେ, 'ଟଙ୍କା ଘର କିଣିପାରେ କିନ୍ତୁ ପରିବାର ନୁହେଁ' । ସେହି ଟଙ୍କା ଦାମକିଆ ଘଣ୍ଟା କିଣିପାରେ ହେଲେ ସମୟ ନୁହେଁ । ଟଙ୍କା ତୁଳିତ ଶଯ୍ୟା କିଣିପାରେ କିନ୍ତୁ ସୁନିଦ୍ରା ନୁହେଁ । ଟଙ୍କା ବହି କିଣିପାରେ ହେଲେ ଜ୍ଞାନ ନୁହେଁ । ସେହି ଟଙ୍କା ବନ୍ଧୁ କିଣିପାରେ କିନ୍ତୁ ବନ୍ଧୁତା ନୁହେଁ । ଦୁନିଆରେ କେବଳ ଭାଗ୍ୟବାନ ସେହି; ଯାହା ପାଖରେ ଭୋଜନ ସହ ଭୋକ ଅଛି, ଶଯ୍ୟା ସହ ନିଦ୍ରା ଅଛି ଏବଂ ଧନୀ ସହ ଧର୍ମ ବି ଅଛି ।

ସମୁଦ୍ର କୂଳରେ କ'ଣ ଶାମୁକାର ଅଭାବ ଥାଏ ନା ପୃଥିବୀ ପୃଷ୍ଠରେ ମଣିଷର । ବାସ୍ ଫରକ କେବଳ ଏତିକି ଯେ, ଶାମୁକା ଭିତରେ ମୋତି ଥାଏ ଆଉ କିଛି ମଣିଷଙ୍କ ପାଖରେ ହୃଦୟ । ବାକିସବୁ ମଣିଷ ସେଇ ମିଛ ଖୋଳପା ଧାରୀ ଶାମୁକା ସଦୃଶ ।

ଦି'ଦିନର ଏ ଜୀବନ । ମରୀଚିକା ପଛରେ ଧାଇଁବା ଅର୍ଥହୀନ । ପାରୁଛନ୍ତି ଯଦି ପ୍ରେମ ବାଣ୍ଟନ୍ତୁ, ଲୋକଙ୍କ ହୃଦୟ ଜିଣନ୍ତୁ । କାରଣ ପରିଶେଷରେ ମଶାଣିକୁ ଆପଣ ଅର୍ଜିଥିବା ୪କୋଟି ନୁହେଁ । ମାତ୍ର ୪ ଜଣ ଆପଣଙ୍କୁ ଛାଡ଼ିବାକୁ ଯିବେ ।



# ଈଶ୍ୱରଙ୍କର ବ୍ୟକ୍ତିତ୍ୱ

## ମହାତ୍ମା ଗାନ୍ଧୀ

ମୁଁ ମୁହାଁମୁହିଁ ଈଶ୍ୱରଙ୍କୁ ଦେଖିନାହିଁ । ଯଦି ଦେଖିଥାନ୍ତି, ତେବେ ମୋ'ଲାଗି ତୁମମାନଙ୍କ ଆଗରେ କଥା କହିବାର କୌଣସି ଆବଶ୍ୟକତା ନ ଥାନ୍ତା । ମୋ'ର ଭାବନା ଭିତରେ ଏତେ ଅଧିକ ଶକ୍ତି ରହିଥାନ୍ତା ଯେ, ମୋ' ପକ୍ଷରେ ଯାବତୀୟ କଥା କହିବା ଓ କାର୍ଯ୍ୟ କରିବା ଅନାବଶ୍ୟକ ହୁଅନ୍ତା । ମାତ୍ର, ଈଶ୍ୱରଙ୍କର ଅସ୍ତିତ୍ୱ ବିଷୟରେ ମୋ'ର ଏକ ଅକ୍ଷୟ ବିଶ୍ୱାସ ରହିଛି । ମୋ' ପରି ପୃଥିବୀର କୋଟି କୋଟି ମନୁଷ୍ୟଙ୍କର ମଧ ଠିକ୍ ସେହିପରି ବିଶ୍ୱାସ ରହିଛି । ବିଦ୍ୱାନ୍ ଠାରୁ ଆହୁରି ଅଧିକ ବିଦ୍ୱାନ୍ କେହିହେଲେ କୋଟି କୋଟି ନିରକ୍ଷର ମନୁଷ୍ୟଙ୍କର ସେହି ବିଶ୍ୱାସକୁ ଟଳାଇ ଦେଇ ପାରିବେ ନାହିଁ ।

ଈଶ୍ୱର ହେଉଛନ୍ତି ସର୍ବତୋଭାବେ ମଙ୍ଗଳମୟ । ତାଙ୍କ ଭିତରେ କୌଣସି ମନ୍ଦ ନାହିଁ । ଭଗବାନ ନିଜର ପ୍ରତିକୃତି ଅନୁସାରେ ହିଁ ମନୁଷ୍ୟକୁ ତିଆରି କରିଛନ୍ତି । ଆମର ଅତ୍ୟନ୍ତ ଦୁର୍ଭାଗ୍ୟ ଯେ, ମନୁଷ୍ୟ ମଧ ତା' ନିଜର ପ୍ରତିକୃତି ଅନୁସାରେ ଭଗବାନଙ୍କୁ ଗଢ଼ି ଥୋଇ ଦେଇଛି । ସେହି ଔଦ୍ଧତ୍ୟ ମନୁଷ୍ୟକୁ କେତେ ନା କେତେ ଦୁର୍ଗତିର ସମୁଦ୍ରରେ ନେଇ ପକାଇ ଦେଇଛି । ଭଗବାନ୍ ହେଉଛନ୍ତି ସର୍ବୋଚ୍ଚ ରସବିଦ୍ୟାବିତ୍ । ତା'ଙ୍କ ଉପସ୍ଥିତି ଦ୍ୱାରା ଯାବତୀୟ ଲୌହ ଏବଂ ଧାତୁମଳ ଖାଣ୍ଟି ସୁନାରେ ପରିଣତ ହୋଇଯାଏ । ସେହିପରି ଭାବରେ ଯାବତୀୟ ମନ୍ଦ ମଧ ଭଲରେ ରୂପାନ୍ତରିତ ହୁଏ ।

ପୁନଶ୍ଚ, ଈଶ୍ୱର ଅବଶ୍ୟ ଜୀବିତ ଅଛନ୍ତି, ମାତ୍ର ସେ ଆମପରି କଦାପି ଜୀବିତ ନାହାନ୍ତି । ତାଙ୍କଦ୍ୱାରା ସୃଷ୍ଟ ପ୍ରାଣୀମାନେ ତ ମରିବେ ବୋଲି ହିଁ ଜୀବନ ଧାରଣ କରି ରହିଛନ୍ତି । ମାତ୍ର ଭଗବାନ ହେଉଛନ୍ତି ସ୍ୱୟଂ ଜୀବନ । ତେଣୁ, ମଙ୍ଗଳ ଓ ମଙ୍ଗଳ କହିଲେ ଯାହାକିଛିକୁ ବୁଝାଏ, ତାହା ତାଙ୍କର କେବଳ ଏକ ଗୁଣମାତ୍ର ଆଦୌ ନୁହେଁ ।

ମଙ୍ଗଳ ହିଁ ଭଗବାନ । ତାଙ୍କୁ ବାଦ୍ ଦେଇ ମଙ୍ଗଳର ଯେଉଁ କଳ୍ପନା କରା ଯାଇଥାଏ, ତାହା ହେଉଛି ଏକ ଜୀବନହୀନ ବସ୍ତୁ ଏବଂ କେବଳ ଏକ ଲାଭଜନକ ନୀତି ହୋଇ ରହିଥିବା ପର୍ଯ୍ୟନ୍ତ ହିଁ ତାହା ରହିଥାଏ । ଯାବତୀୟ ନୈତିକତାର କ୍ଷେତ୍ରରେ ମଧ ଠିକ୍ ସେହି କଥା । ଯଦି ଆମେ ସେଗୁଡ଼ିକୁ ନିଜ ଭିତରେ ଜୀବନ୍ତ କରି ରଖୁବା, ତେବେ ସେଗୁଡ଼ିକୁ ଭଗବାନଙ୍କ ସହିତ ସଂଯୁକ୍ତ କରି ରଖି ହିଁ ଆମକୁ ସେଗୁଡ଼ିକର ବିଚାର ଏବଂ ଅନୁଶୀଳନ କରିବାକୁ ହେବ । ଆମେ ଭଲ ହେବାକୁ ଚେଷ୍ଟା କରୁଛୁ କାରଣ ଆମେ ଭଗବାନଙ୍କ ପାଖରେ ପହଞ୍ଚିବାକୁ ଓ ତାଙ୍କୁ ଉପଲବ୍ଧି କରିବାକୁ ଇଚ୍ଛା କରୁଛୁ । ଏହି ପୃଥିବୀର ସମସ୍ତ ଶୁଷ୍କ ନୈତିକତା ପ୍ରକୃତରେ ଧୂଳିରେ ହିଁ ପରିଣତ ହୋଇ ଯାଆନ୍ତି, କାରଣ ଈଶ୍ୱରଙ୍କୁ ବାଦ୍ ଦେଇ ସେଗୁଡ଼ିକ ଜୀବନହୀନ ହୋଇପଡ଼ନ୍ତି । ଈଶ୍ୱରଙ୍କଠାରୁ ଉଦ୍‌ଭୂତ ହୋଇ ଆସୁଥିବାରୁ ହିଁ ସେଗୁଡ଼ିକ ଜୀବନ୍ତ ହୋଇ ଆସନ୍ତି । ସେଗୁଡ଼ିକ ଆମ ଜୀବନର ଅଂଶ ହୋଇ ରହନ୍ତି । ଆମକୁ ଉତ୍ତୋଳିତ କରି ନିଅନ୍ତି ।

ଅନ୍ୟଥା, ଯେତେବେଳେ ମଙ୍ଗଳକୁ ବାଦ୍‌ଦେଇ ଭଗବାନଙ୍କର କଳ୍ପନା କରାଯାଏ, ସେତେବେଳେ ସେହି ଭଗବାନ ମଧ ଜୀବନହୀନ ହୋଇଯାଆନ୍ତି । ସେତେବେଳେ ଆମେ କେବଳ ନିଜର ବୃଥା କଳ୍ପନାଗୁଡ଼ିକ ଦ୍ୱାରା ହିଁ ତାଙ୍କୁ ଜୀବନ ଦେବାକୁ ଚେଷ୍ଟା କରୁଥାଉ ।

ଭଗବାନଙ୍କୁ 'ମୁହାଁମୁହିଁ ଦେଖିବା' ଏବଂ ତାଙ୍କୁ 'ବହୁଦୂରରୁ ସତ୍ୟର ଅବତାର ରୂପେ ଦେଖିବା'–ଏହି ଦୁଇଟି ମଧ୍ୟରେ ଏକ ବୃହତ୍ ବ୍ୟବଧାନ ରହିଛି । ମୋ' ମତରେ, ଏହି ଦୁଇଟି କଥା ଯେ କେବଳ ପରସ୍ପରବିରୋଧୀ ନୁହନ୍ତି, ସେତିକି ନୁହେଁ, ମାତ୍ର ଗୋଟିଏ ଅନ୍ୟଟିକୁ ବ୍ୟାଖ୍ୟା ମଧ କରିଦେଉଛି । ହିମାଳୟ ପର୍ବତଶ୍ରେଣୀକୁ ଆମେ ବହୁଦୂରରୁ ଦେଖୁଛୁ ଏବଂ ଯେତେବେଳେ ଆମେ ତାହାରି ଶିଖରରେ ଯାଇ ପହଞ୍ଚି ଯାଉଛୁ, ସେତେବେଳେ ତାହାକୁ ମୁହାଁମୁହିଁ ହୋଇ ମଧ ଦେଖି ପାରୁଛୁ । ଦେଖି ପାରିବାର ପରିଧି ମଧ୍ୟରେ ରହିଥିଲେ ଲକ୍ଷ ଲକ୍ଷ ଲୋକ ହିମାଳୟକୁ ଶହ ଶହ ମାଇଲ ଦୂରରୁ ଦେଖି ପାରୁଛନ୍ତି, ମାତ୍ର ବର୍ଷବର୍ଷର ପଥ ଅତିକ୍ରମ କରି କେବଳ ଅଳ୍ପସଂଖ୍ୟକ ବ୍ୟକ୍ତି ହିଁ ଶିଖରରେ ଯାଇ ପହଞ୍ଚି ପାରୁଛନ୍ତି ଓ ତାହାକୁ ମୁହାଁମୁହିଁ ଦେଖୁଛନ୍ତି । ଈଶ୍ୱର ଯେ ଅବଶ୍ୟ ଅଛନ୍ତି ଏବଂ ସତ୍ୟ ଯେ ତାଙ୍କର ସବୁଠାରୁ ଅଧିକ ଆଲେଖଧର୍ମୀ ନାମ, ସେ ବିଷୟରେ ମୁଁ କେବେହେଲେ ଲେଶମାତ୍ର ସନ୍ଦେହ ପ୍ରକାଶ କରିନାହିଁ ।

ଯାହାର ଏକ ଆରମ୍ଭ ଅଛି, ତାହାର ଏକ ଶେଷ ଅବଶ୍ୟ ରହିବ । ସୂର୍ଯ୍ୟ, ଚନ୍ଦ୍ରମା ଓ ପୃଥିବୀ –ହୁଏତ ଅଗଣିତ ବର୍ଷ ପରେ ହେଲେ ମଧ ଦିନେ ନା ଦିନେ ଏଗୁଡ଼ିକର ବିଲୟ ହୋଇଯିବ । କେବଳ ଈଶ୍ୱରହିଁ ଅମର ଏବଂ ଅବିନାଶୀ । ତାଙ୍କର ବର୍ଣ୍ଣନା କରି ପାରିବାକୁ କିଏ କିପରି ଯଥେଷ୍ଟ ଶବ୍ଦ ଖୋଜି ପାଇବ ?

ବୁଦ୍ଧିଦ୍ୱାରା ଈଶ୍ୱର- ଉପଲବ୍ଧି ହୋଇ ପାରିବ ନାହିଁ । ଏହା ହେଉଛି ବିଶ୍ୱାସର ଏବଂ ବିଶ୍ୱାସରୁ ନିଷ୍ପନ୍ନ ହେଉଥିବା ଅନୁଭବର ବସ୍ତୁ । ଆମେ ଆମ ଗୁରୁଜନମାନଙ୍କର ଅନୁଭବ ଉପରେ ବିଶ୍ୱାସ ରଖିପାରିବା ଓ ତା' ନହେଲେ କେବଳ ବ୍ୟକ୍ତିଗତ ଅନୁଭବ ଦ୍ୱାରା ହିଁ ସନ୍ତୋଷ ଲାଭ କରିବାକୁ ବାଧହେବା, ବିଶ୍ୱାସ ପରିପୂର୍ଣ୍ଣଭାବରେ ରହିଥିଲେ ଅନୁଭବର ଅଭାବ ଅନୁଭୂତ ହୁଏନାହିଁ ।

ତେଣୁ ମୁଁ ଅନେକ ସମୟରେ ସତ୍ୟକୁ ହିଁ ଈଶ୍ୱର ବୋଲି କହିଛି । ଏକ ସୀମାଯୁକ୍ତ ସତ୍ତା ହୋଇଥିବାରୁ ମନୁଷ୍ୟ କଦାପି ପରମ ସତ୍ୟକୁ ଜାଣି ପାରିବ ନାହିଁ ।

ସେହି ବୃହତ୍ ଶକ୍ତିକୁ ମୁଁ ଆଲ୍ଲା ନାମରେ, ଖୁଦା ନାମରେ ଅଥବା ଈଶ୍ୱର ନାମରେ ଡାକେନାହିଁ, ମୁଁ ତାଙ୍କୁ ସତ୍ୟ ବୋଲି କହେ । ମୋ' ପାଇଁ ସତ୍ୟ ହେଉଛି ଭଗବାନ ଏବଂ ସେହି ସତ୍ୟ ଆମର ସକଳ ଯୋଜନାକୁ କୁଆଡ଼େ ଅତିକ୍ରମ କରି ଚାଲିଯାଏ । କେବଳ ପରମ ସତ୍ୟରୂପୀ ସେହି ବିରାଟ ଶକ୍ତିର ହୃଦୟ ମଧ୍ୟରେ ହିଁ ସମୁଦାୟ ସତ୍ୟ ସାକାର ହୋଇ ରହିଛି । ସେହି ପରମ ସତ୍ୟରେ ଯେ କଦାପି ପହଞ୍ଚି ହେବନାହିଁ, ମୋ' ପିଲାଦିନୁ ମୋତେ ସେହି ଶିକ୍ଷା ଦିଆ ଯାଇଥିଲା । ଜଣେ ମହାନ୍ ଇଂରେଜ ମୋତେ ଶିକ୍ଷା ଦେଲେ ଯେ ଭଗବାନଙ୍କୁ କଦାପି ଜାଣି ହେବନାହିଁ । ତାଙ୍କୁ ଅବଶ୍ୟ ଜାଣିହେବ, ମାତ୍ର ଆମର ସୀମାଯୁକ୍ତ ବୁଦ୍ଧି ଆମକୁ ଯେତିକିଯାଏ ଅନୁମତି ଦେବ, ତାଙ୍କୁ କେବଳ ସେତିକି ଜାଣିହେବ ।

ଈଶ୍ୱର ସର୍ବଶକ୍ତିମାନ୍ । ସେ ମନୁଷ୍ୟର ହୃଦୟଗୁଡ଼ିକୁ ବଦଳାଇ ଦେଇ ପାରିବେ ଏବଂ ସେମାନଙ୍କ ମଧ୍ୟରେ ଯଥାର୍ଥ ଶାନ୍ତିର ପ୍ରତିଷ୍ଠା କରି ପାରିବେ ।

# ସ୍ଵର୍ବେଦ

**ଗୁଣନ ଜ୍ଞାନ ଆନନ୍ଦ ଓ୍ଵେ, ଧ୍ୟାତା**
**ମେଁ ଧ୍ୟେୟ ଆୟ ।**
**ଫଲ ସ୍ୱରୂପ ହୈ ଧ୍ୟାନ କା,**
**ସହଜ ସମାଧୀ ପାୟ ॥୪୦॥**

ଭାଷ୍ୟ - ବିହଙ୍ଗମ ଯୋଗ ସମାଧି ଦ୍ୱାରା ଧ୍ୟେୟର ଧ୍ୟାନ କରି, ତାହାର ଫଳସ୍ୱରୂପ ଧ୍ୟେୟର ଗୁଣ, ଜ୍ଞାନ ଆଉ ଆନନ୍ଦ ଧ୍ୟାତାକୁ ପ୍ରାପ୍ତ ହୋଇଥାଏ । ଏହା ଭକ୍ତିର ମହିମା ଅଟେ, ଯାହା ପ୍ରଭୁ ଭକ୍ତମାନଙ୍କୁ ପ୍ରାପ୍ତ ହୋଇଥାଏ ।

**ସ୍ଥିର ଶବ୍ଦ ଅଧାର ମେଁ,**
**ସଚ୍ଚିଦାନନ୍ଦ ସ୍ୱରୂପ ।**
**ଜିଓ୍ୱନ୍ମୁକ୍ତି ପଦ ପାଓ୍ୱଇ, ଗୟେ**
**ତ୍ରିଓ୍ୱିଧ ଦୁଖ ରୂପ ॥୪୧॥**


ଭାଷ୍ୟ - ସଚ୍ଚିଦାନନ୍ଦ ସ୍ୱରୂପ ଶବ୍ଦ ଆଧାରରେ ଯେତେବେଳେ ସ୍ଥିରତା ଆସିଯାଏ, ସେତେବେଳେ ଜୀବନ୍ମୁକ୍ତ ଯୋଗୀର ପଦ ପ୍ରାପ୍ତ ହୁଏ ଆଉ ତ୍ରିବିଧ ତାପ ନଷ୍ଟ ହୋଇଯାଏ ଅର୍ଥାତ୍ ଜନ୍ମ ମରଣ ଦୁଃଖ ଛାଡ଼ିଯାଏ ।

**ରାଗ ଦ୍ୱେଷ ସେ ରହିତ ହୈ, ମନ**
**ମାୟା କର ତ୍ୟାଗ ।**
**ଯୋଗାଭ୍ୟାସ ସାଧନ ଚଲେ,**
**ସଦ୍‌ଗୁରୁ ପଦ ଅନୁରାଗ ॥୪୨॥**

ଭାଷ୍ୟ - ସଦ୍‌ଗୁରୁ ଚରଣରେ ପ୍ରେମ ଓ ରାଗ ଦ୍ୱେଷାଦି ଶୂନ୍ୟ ହୋଇ ମନର ବିଷୟ ତରଙ୍ଗଗୁଡ଼ିକୁ ଛାଡ଼ି ଯୋଗର ଅଭ୍ୟାସ କରନ୍ତୁ ।

**ନାଡ଼ୀ ଅନ୍ତର ସୁଷମନା, ଦଶମ**
**ଦ୍ୱାରା ଗଇ ପାର ।**
**ହୃଦୟ ସୁଷମନା ଓ୍ୱାସ ହୈ,**
**ଆତମ ଶବ୍ଦ ଅଧାର ॥୪୩॥**

ଭାଷ୍ୟ - ସୁଷୁମ୍ନା ନାଡ଼ି ସବୁଠାରୁ ସୂକ୍ଷ୍ମ ଅଟେ ଯାହା ଦଶମ ଦ୍ୱାର ଦେଇ ବାହାରକୁ ଯାଇଛି । ହୃଦୟରେ ସୁଷୁମ୍ନାର ସ୍ଥାନ ଅଛି ଯାହା ଦ୍ୱାରା




ଆତ୍ମା ବାହାରକୁ ଯାଇ ଭେଦମାର୍ଗରୁ ଶବ୍ଦାଧାରକୁ ଧରି ମୁକ୍ତି ଲାଭ କରିଥାଏ ।

**ନାସାପୁଟ ଓ୍ୱାୟୁ ଚଲେ, ଇଙ୍ଗଲା**
**ପିଙ୍ଗଲା ଧାର ।**
**ଯୋଗୀ ମେଁ ସୁଷମନ ଖୁଲେ, ଯୁଚ୍ଛି**
**କୁଣ୍ଡଲୀ ମାର ॥୪୪॥**

ଭାଷ୍ୟ - ଦୁଇ ନାସା ରନ୍ଧ୍ରରୁ ଇଙ୍ଗଳା ପିଙ୍ଗଳା ପ୍ରବାହିତ ହୋଇଥାଏ ଆଉ ଯୋଗୀ ଠାରେ ଯୋଗ ଯୁକ୍ତିରେ କୁଣ୍ଡଳିନୀ ଟଳିଯିବା ପରେ ସୁଷୁମ୍ନା ପ୍ରବାହ ହୋଇଥାଏ ।

**ଔଧେ କୁମ୍ଭ ନ ଜଲ ଭରେ,**
**ଭରତ ଉର୍ଦ୍ଧ୍ୱ ମୁଖ ହୋୟ ।**
**ଗଗନ ଉଡ଼େ ନହିଁ ଏକ ପଗ,**
**ତ୍ୟାଗ ଭୂମି ଉଡ଼ ସୋୟ ॥୪୫॥**

ଭାଷ୍ୟ - ଜଳରେ ଓଲଟ ରହିଥିବା ମାଠିଆ ଭରେ ନାହିଁ । ମାଠିଆର ମୁହଁକୁ ଉପରକୁ କଲେ ହିଁ ମାଠିଆରେ ପାଣି ପ୍ରବେଶ କରିଥାଏ । ଗୋଟିଏ ଡେଣାରେ ଆକାଶରେ ଉଡ଼ି ହୁଏ ନାହିଁ, ଯାହାର ଦୁଇ ପାଦ ପୃଥିବୀକୁ ଛାଡ଼ିଦେବ ସେ ଆକାଶକୁ ଉଡ଼ି ପାରିବ । ଆତ୍ମାର ଶକ୍ତି ଯେତେବେଳେ ପ୍ରକୃତିମୁଖୀ ହୋଇ ବାହାର ଜଗତରେ ରହେ, ସେତେବେଳ ପର୍ଯ୍ୟନ୍ତ ପରଂବ୍ରହ୍ମ ସତ୍ତାର ଆନନ୍ଦ ଉପଲବ୍ଧି କରିପାରେ ନାହିଁ । ଉର୍ଦ୍ଧ୍ୱ ଚେତନ ହେବା ପରେ ହିଁ ଆତ୍ମାରେ ବ୍ରହ୍ମ ରସର ପ୍ରବାହ ପ୍ରବାହିତ ହେବ । ଇତଃସ୍ତତ ଆତ୍ମାର ଶକ୍ତିରୁ ଉପରକୁ ଚଢ଼ିପାରେ ନାହିଁ । ସେଥିପାଇଁ ଯୋଗ ସାଧନା ଦ୍ୱାରା ଯେତେବେଳେ ଆତ୍ମା ନିଜର ସମସ୍ତ ଚେତନ ଶକ୍ତିକୁ ସମଗ୍ର ଦେହ ସଂଘାତରୁ ବିଚ୍ଛିନ୍ନ କରି ଶୁଦ୍ଧ ଚେତନ ଆକାଶକୁ ଉଠିଯାଏ, ସେତେବେଳେ ନିଜ ଲକ୍ଷ୍ୟ ଶବ୍ଦାନନ୍ଦଙ୍କୁ ପ୍ରାପ୍ତ କରି ଜନ୍ମ ମରଣ ଦୁଃଖରୁ ମୁକ୍ତିଲାଭ କରେ ।

**ଚକମକ ପତ୍ଥରୀ ସୂର୍ଯ୍ୟମୁଖ,**
**ଅଗିନ ବରେ ତେହି ଆୟ ।**
**ପୃଷ୍ଠ ଭାନୁ ଧଧକେ ନହୀଁ, ତିମି**
**ତତ୍ତ୍ୱ ଜ୍ଞାନ ଜଗାୟ ॥୪୬॥**

ଭାଷ୍ୟ - ଚକମକି ପଥରକୁ ସୂର୍ଯ୍ୟ ଆଡ଼କୁ ମୁହଁ କଲେ ନିଆଁ ସ୍ଫୁଲିଙ୍ଗ ବାହାରିବା ଭଳି ଲାଗେ, ମାତ୍ର ତାହାର ବିପରୀତ ପୃଷ୍ଠମୁଖ କଲେ ସେପରି ହୁଏ ନାହିଁ । ସେହି ପ୍ରକାର ଆତ୍ମାର ମୁଖ ପରଂବ୍ରହ୍ମ ଆଡ଼କୁ କଲେ ଆତ୍ମାର ଅଜ୍ଞାନ ଅନ୍ଧକାର ଦୂରୀଭୂତ ହୋଇ ପୂର୍ଣ୍ଣଜ୍ଞାନ ପ୍ରକାଶ ଉଦୟ ହୁଏ ।

**ମୈଲେ ପଟ ପର ରଙ୍ଗ**
**ଜେଁୟା, କେସର ଅଓ୍ୱର ଗୁଲାବ ।**
**ଚଢ଼ତ ନ ଶୋଭା ପାଓ୍ୱଇ,**
**ତେଁୟା ତତଭେଦ ପ୍ରଭାଓ୍ୱ ॥୪୭॥**

ଭାଷ୍ୟ - ମଇଳା କପଡ଼ାରେ କେଶର ଆଉ ଗୋଲାପର ରଙ୍ଗ ଚଢ଼େ ନାହିଁ, ନା ସୁନ୍ଦର ଏବସ ସୁସୋଭିତ ଦେଖାଯାଏ । ତଦ୍ରୂପ ଅଜ୍ଞାନୀ ଏବଂ ବିଷୟୀ ଜୀବମାନଙ୍କ ଉପରେ ସଦ୍‌ଗୁରୁଙ୍କର ପ୍ରକାଶର କୌଣସି ପ୍ରଭାବ ପଡ଼େ ନାହିଁ । ଅଧିକାରୀ ସୁପାତ୍ର ଶୁଦ୍ଧାତ୍ମାଗଣ ହିଁ ବ୍ରହ୍ମବିଦ୍ୟାର ପବିତ୍ର ପରିଣାମକୁ ପ୍ରାପ୍ତ ହୋଇ ଆନନ୍ଦିତ ହୋଇଥାନ୍ତି ।

**ପରେ ଅଗିନ ପରଜ୍ୱଲିତ ମେଁ,**
**ଲୋହା ଅଗିନ ସ୍ୱରୂପ ।**
**ପୃଥକ ରହେ ହୋଓ୍ୱେ ନହୀଁ, ତିମି**
**ଜିଓ୍ୱ ବ୍ରହ୍ମ ସ୍ୱରୂପ ॥୪୮॥**

ଭାଷ୍ୟ - ପ୍ରଜ୍ୱଳିତ ନିଆଁରେ ଲୁହା ପଡ଼ିବା ଫଳରେ ଅଗ୍ନିସ୍ୱରୂପ ହୋଇଯାଏ । ଦୁହେଁ ଭିନ୍ନ ଭିନ୍ନ ବସ୍ତୁ ହୋଇଥିଲେ ସୁଦ୍ଧା ଲୁହା ଅଗ୍ନିସ୍ୱରୂପ ହୋଇପାରେ ନାହିଁ । ଠିକ୍ ସେହିପରି ଯୋଗାଗ୍ନିରେ ଜୀବ ବ୍ରହ୍ମଙ୍କର ସମ୍ବନ୍ଧରୁ, ତାଙ୍କର ଉପାସନା କରି ସେହି ଭଳି ସ୍ୱରୂପକୁ ଧାରଣ କରିଥାଏ ।

**ଚୁମ୍ବକ ଲୋହା ଖୀଁଚଈ, ଧରତ**
**ଅକର୍ଷଣ ପାୟ ।**
**ସୀମା ସେ ବାହର ରହୈ, ଲୋହା**
**ଖୀଁଚ ନ ଜାୟ ॥୪୯॥**

ଭାଷ୍ୟ - ଚୁମ୍ବକ ନିଜ ଆକର୍ଷଣ ସୀମା ଭିତରେ ହିଁ ଲୁହାକୁ ଟାଣିପାରେ । ସୀମାରୁ ବାହାରି ଗଲେ ଲୁହାକୁ ଟାଣିପାରେ ନାହିଁ ।

**ପାରଶ ମଣି ଅସ୍ପର୍ଶ ସେ, ଲହା**
**କଞ୍ଚନ ହୋୟ ।**
**ଅନ୍ତର ସୁକ୍ଷମ ଭେଦ ମେଁ, କଞ୍ଚନ**
**ଲୋହ ନ ହୋୟ ॥୫୦॥**

ଭାଷ୍ୟ - ପାରସ ମଣିର ସ୍ପର୍ଶରେ ହା ସୁନାରେ ପରିଣତ ହୁଏ । ମାତ୍ର ସେଥିରେ ସୂକ୍ଷ୍ମ ପରଦା ଥିବାରୁ ଲୁହା କାଞ୍ଚନ ହୋଇ ପାରେ ନାହିଁ । ଆତ୍ମାର ଭିତରେ ସୂକ୍ଷ୍ମ ପ୍ରାକୃତିକ ମଇଳା ଥିବାରୁ ତା ଭିତରେ ଶୁଦ୍ଧ ଜ୍ଞାନ ଆଉ ଦିବ୍ୟ ପ୍ରକାଶ କଦାପି ହୋଇପାରେ ନାହିଁ ।

# ସ୍ୱଚ୍ଛତା ଓ ସମାନତାର ପର୍ବ: ମାଣବସା ଗୁରୁବାର

**ଲ**କ୍ଷ୍ମୀ ବିଭିନ୍ନ ସ୍ଥାନରେ ବିଭିନ୍ନ ରୂପେ କଳ୍ପିତା । ସ୍ୱର୍ଗରେ ଇନ୍ଦ୍ରଙ୍କ ସମ୍ପତ୍ତି ରୂପେ ସ୍ୱର୍ଗଲକ୍ଷ୍ମୀ । ମର୍ତ୍ତ୍ୟ ଓ ପାତାଳରେ ରାଜଗୃହରେ 'ରାଜଲକ୍ଷ୍ମୀ', ଗୃହରେ 'ଗୃହଲକ୍ଷ୍ମୀ', ଗୋଗଣର ପ୍ରସୂତି ରୂପେ 'ସୁରଭି' । ସାଗରରୁ ଜନ୍ମ ହୋଇଥିବାରୁ ସାଗରସମ୍ଭବା, ବରୁଣ ଦୁଲଣୀ ଓ କ୍ଷୀରାବ୍ଧିତନୟା । ଭାରତବର୍ଷରେ ଧନ, ଜନ, ଗୋପ, ଲକ୍ଷ୍ମୀ, ତଥା ଐଶ୍ୱର୍ଯ୍ୟର ଦେବୀ ଭାବେ ମହାଲକ୍ଷ୍ମୀଙ୍କର ଉପାସନା ବୈଦିକ ଯୁଗରୁ ପ୍ରଚଳିତ । ସେ ହେଉଛନ୍ତି ଅନ୍ନଦାତ୍ରୀ । ଏଠି ଅନ୍ନ କହିଲେ ମଣିଷର ଶରୀର ଧାରଣ ପାଇଁ ଆବଶ୍ୟକ ଖାଦ୍ୟ ଶସ୍ୟକୁ ବୁଝାଏ । ସେ ଶସ୍ୟର ଦେବୀ । ତାଙ୍କ ଜନ୍ମ କୃଷିଭିତ୍ତିକ ସଭ୍ୟତାରୁ । ଉତ୍ପାଦନ ଉପରେ ତାଙ୍କର ଅଧିକାର । ତେଣୁ ସେ ଅନ୍ନ, ଜୀବନର ସ୍ଥିତି, ଗତି ଓ ଆନନ୍ଦର ସର୍ବମୂଳ ଆଧାର ।

ରୂପ ଓ ଆଚରଣଗତ ଭିନ୍ନତା ଥିଲେ ମଧ ବିଚାର ଗୋଟିଏ । ଶସ୍ୟ ଅମଳ ସମୟରେ କେବଳ ଭାରତବର୍ଷରେ ନୁହେଁ, ଅନେକ ପାଶ୍ଚାତ୍ୟ ଦେଶରେ ଗୃହଲକ୍ଷ୍ମୀ ଅର୍ଥାତ୍ ନାରୀର ଭୂମିକାକୁ ପ୍ରାଧାନ୍ୟ ଦିଆଯାଇଛି । ଗ୍ରୀସ୍‌ର ଉତ୍ପାଦନ ଓ ଶସ୍ୟର ଦେବୀଙ୍କ ନାଁ ଡେମିଟର । ନେପାଳ, ତିବ୍ବତ, କାମ୍ବୋଡ଼ିଆ, ଚୀନ୍, ଜାପାନ, ଇଣ୍ଡୋନେସିଆ ଏହିପରି ଅନେକ ଦେଶ ଓ ଧର୍ମରେ ଲକ୍ଷ୍ମୀଦେବୀ ପୂଜା ପାଉଛନ୍ତି ।ଲକ୍ଷ୍ମୀଙ୍କ ସ୍ୱରୂପ ସମ୍ପର୍କରେ ଭାରତୀୟ ପୁରାଣ ଓ ଦର୍ଶନ ଗ୍ରନ୍ଥଗୁଡିକରେ ବିଶଦ ଚର୍ଚ୍ଚା ରହିଛି । ବୌଦ୍ଧ ଓ ଜୈନ ସାହିତ୍ୟ ଅନୁସାରେ ସେ ହେଉଛନ୍ତି ଭାଗ୍ୟଦେବୀ । ପୁରୀର ଜଗନ୍ନାଥ ମନ୍ଦିରରେ ଶକ୍ତିରୂପିଣୀ ଦେବୀ ଲକ୍ଷ୍ମୀ ରୂପରେ ପୂଜା ପାଉଛନ୍ତି । ତାଙ୍କର ଦୁଇଟି ରୂପ । ଭୂଦେବୀ ଓ ଶ୍ରୀଦେବୀ । ଭୂଦେବୀ - ମାଟି ସନ୍ତାନ ପ୍ରସବିନୀ । ଶ୍ରୀଦେବୀ- ସ୍ନେହମୟୀ, ପାଳନକର୍ତ୍ତ୍ରୀ । ଦ୍ୱାଦଶ ଶତାବ୍ଦୀରେ ବିଦ୍ୱାନ ରାମାନୁଜ ଦକ୍ଷିଣ ଭାରତରୁ ପୁରୀ ଆସିଥିଲେ । ସେ 'ଶ୍ରୀ' ସମ୍ପ୍ରଦାୟର ପ୍ରବର୍ତ୍ତକ । ଶଙ୍ଖକ୍ଷେତ୍ରକୁ ସେ 'ଶ୍ରୀକ୍ଷେତ୍ର', ମନ୍ଦିରକୁ 'ଶ୍ରୀମନ୍ଦିର' କହିଛନ୍ତି । ଅର୍ଥାତ୍, ଠାକୁରଙ୍କ ଘରର ଅଧିକାରିଣୀ ଲକ୍ଷ୍ମୀ । ସ୍ୱାମୀ, ପରିବାର, ଅତିଥି ଅଭ୍ୟାଗତଙ୍କ ସେବାର ଦାୟିତ୍ୱ ତାଙ୍କର । ସେ ପରା ମା' । କାହାକୁ ଭୋକିଲା ଛାଡିବେନି । ସେହି ସମୟରେ, ଅର୍ଥାତ୍ ଦ୍ୱାଦଶ ଶତାବ୍ଦୀରେ ଶ୍ରୀମନ୍ଦିରରେ ଲକ୍ଷ୍ମୀଙ୍କ ପାଇଁ ମନ୍ଦିର ତିଆରି ହୋଇଛି । ବଳରାମ ଦାସ ଲକ୍ଷ୍ମୀଙ୍କର ପତ୍ନୀଙ୍କ ଓ ମାତୃତ୍ୱକୁ ପ୍ରାଧାନ୍ୟ ଦେଇଛନ୍ତି 'ଲକ୍ଷ୍ମୀପୁରାଣ'ରେ ।

ଶ୍ରୀଅରବିନ୍ଦଙ୍କ ଦୁର୍ଗା ସ୍ତୋତ୍ରରେ ଶକ୍ତିତତ୍ତ୍ୱର ବ୍ୟାଖ୍ୟା ସ୍ୱତନ୍ତ୍ର । ଶକ୍ତିଙ୍କର ତିନିଗୋଟି ରୂପ- ମହାକାଳୀ, ମହାଲକ୍ଷ୍ମୀ ଓ ମହାସରସ୍ୱତୀ । କେହି କାହାରିଠାରୁ ଭିନ୍ନ ନୁହନ୍ତି । ଜଣେ ଶ୍ୟାମା-କାଳୀ, ପାର୍ବତୀ, ଦୁର୍ଗା । କରୁଣା, ସୃଜନ ଓ ଶାନ୍ତିର ପ୍ରତୀକ । ଜଣେ ଶୁଦ୍ଧ, ସୁବର୍ଣ୍ଣବର୍ଣ୍ଣା, ପଦ୍ମହସ୍ତା- ଲକ୍ଷ୍ମୀ । ଅନ୍ନର ପ୍ରତୀକ ଏବଂ ସରସ୍ୱତୀ ଧବଳାଙ୍ଗୀ । ବିଦ୍ୟାର ପ୍ରତୀକ । ଶକ୍ତିଙ୍କର ଏହି ତିନିଗୁଣକୁ ବୁଝିପାରିଲେ, ବ୍ୟକ୍ତି ନିଜକୁ ବୁଝିପାରିବ । ଅର୍ଥାତ୍ ସେ ସୃଜନ, ପ୍ରଜ୍ଞା ଓ ଐଶ୍ୱର୍ଯ୍ୟର ଅଧିକାରୀ ହୋଇପାରିବ । ତିନିଗୋଟି ଶକ୍ତିର ଗୁଣସୂତ୍ର ଧରିପାରିଲେ ଜୀବନ, ସମାଜ ଓ ସଂସାର ଆନନ୍ଦର ଘର ହୋଇଯିବ ।

କଥାରେ କୁହନ୍ତି, ସରସ୍ୱତୀ ଓ ଲକ୍ଷ୍ମୀ ଏକାଠି - ରହିପାରିବେ ନାହିଁ । କିନ୍ତୁ ସରସ୍ୱତୀ ଲକ୍ଷ୍ମୀ ପରସ୍ପରର ପରିପୂରକ । ସରସ୍ୱତୀ ଅର୍ଥାତ୍ ବିଦ୍ୟା ଓ ଜ୍ଞାନ ଥିବା ଲୋକ ସର୍ବଦା ସତ୍‌ପଥ ଅନୁସରଣ କରିବ । ମନର ବିଶାଳ ଓ ପବିତ୍ର ଭାବଟି ଏକ ପରିପୂର୍ଣ୍ଣ ଭାବ ହୋଇଥିବାରୁ ସେ ଅନ୍ତରରେ ସଦାସର୍ବଦା ନିଜକୁ ଧନୀ ମନେ କରିବ । ଏହି ଭାବଟି ହିଁ ଲକ୍ଷ୍ମୀଭାବ । କାରଣ ଲକ୍ଷ୍ମୀ ସତ୍‌କୁ ହିଁ ଅନୁସରଣ କରନ୍ତି । ସତ୍ୟ ମାଧମରେ ଯେଉଁ ଶାନ୍ତି, ସୌଭାଗ୍ୟ, ପ୍ରାଚୁର୍ଯ୍ୟ, ବିଭବ, ଶ୍ରୀସମ୍ପଦ ଲାଭ କରାଯାଏ, ତାହା ହିଁ ପ୍ରକୃତରେ ଲକ୍ଷ୍ମୀପ୍ରାପ୍ତ । ଲକ୍ଷ୍ମୀ ଶ୍ରଦ୍ଧା, ଭକ୍ତି, ପରିଷ୍କାର, ପରିଚ୍ଛନ୍ନତାରେ ଟାଣି ହୋଇ ଶ୍ରୀୟା ଚଣ୍ଡାଳୁଣୀ ଘରକୁ ଗଲେ । ଏଥିପାଇଁ ଜାତି ବିଚାର ରହିଲା ନାହିଁ । ଯଦି ଆମେ ଆମ ଘରକୁ ଲକ୍ଷ୍ମୀ ଆସନ୍ତୁ ବୋଲି ଚାହୁଁ, ତା'ହେଲେ ଜାତିବର୍ଣ୍ଣ ନିର୍ବିଶେଷରେ ସବୁ ମଣିଷଙ୍କୁ ଶ୍ରଦ୍ଧା କରିବାର ମନୋବୃତ୍ତି ରଖିବା ଆବଶ୍ୟକ । ଏଇସବୁ ସତ୍ୟ ଏବଂ ତତ୍ତ୍ୱ ଲୁଚି ରହିଛି ଏଇ ମାଣବସା ଗୁରୁବାର ଲକ୍ଷ୍ମୀପୂଜାରେ ।

# ବାଦାମ ସହ ଗୁଡ ଖାଇଲେ କବ୍‌ଜ ଦୂର ହୁଏ

**ବା**ଦାମ ଖାଇବାକୁ ସମସ୍ତେ ଭଲ ପାଇଥାନ୍ତି । କିନ୍ତୁ କ'ଣ ଆପଣ ଜାଣିଛନ୍ତି କି ଗୁଡ ସହିତ ବାଦାମ ଖାଇଲେ କେତେ ଉପକାର ହୋଇଥାଏ । ଶରୀରକୁ ସୁସ୍ଥ ରଖିବା ପାଇଁ ଗୁଡ ସହ ବାଦାମ ନିଶ୍ଚୟ ଖାଆନ୍ତୁ ।

ଗୁଡ ସହିତ ବାଦାମ ଖାଇବାର ଉପକାର: ଏହା ଶରୀରକୁ ଉଷ୍ମ କରିବାରେ ସହାୟକ ହୋଇଥାଏ । ଏଥିରେ ଭରପୁର ଆଇରନ ରହିଥାଏ ଯାହାକି ବ୍ଲଡ ସର୍କୁଲେଶନକୁ ଠିକ୍ ରଖିବା ଓ ହୃଦରୋଗରୁ ଦୁରେଇ ରଖିବାରେ ସହାୟକ ହୋଇଥାଏ । ଏହା ବ୍ୟତୀତ ଯେଉଁମାନଙ୍କର ହିମୋଗ୍ଲୋବିନ୍ କମ୍ ସେମାନେ ବାଦାମ୍ ସହିତ ଗୁଡ ଖାଇବା ଖୁବ୍ ଲାଭଦାୟକ ।

ଗର୍ଭବତୀଙ୍କ ପାଇଁ ବଡ ଉପକାରୀ: ଗର୍ଭାବସ୍ଥାରେ ବାଦାମ ମଞ୍ଜି ନିହାତି ଖାଇବା ଉଚିତ । ଏହା ବ୍ଲଡ ସର୍କୁଲେଶନରେ ସହାୟତା କରିଥାଏ । ଏହା ୟୁଟ୍ରେସ୍ ଇନ୍‌ଫେକ୍ସନରୁ ଦୁରେଇ ରଖିଥାଏ । ଏହା ବ୍ୟତୀତ ପିରିୟଡସ୍ ସମୟରେ ଏହା ଅଣ୍ଟା ବିନ୍ଧାରୁ ମୁକ୍ତି ଦେଇଥାଏ ।



କବ୍‌ଜରୁ ମୁକ୍ତି ମିଳେ : ବାଦାମ ଓ ଗୁଡରେ ରହିଥିବା ଫାଇବର୍ସ ଏସିଡିଟି ଏବଂ କବଜରୁ ମୁକ୍ତି ଦେବା ସହିତ ପେଟ ସାମଞ୍ଜସ୍ୟ ଦୂର କରିଥାଏ । ଏହା ବ୍ୟତୀତ ଏହା ପାଚନ କ୍ରିୟାକୁ ଉତ୍ତମ କରିଥାଏ ।

ଓଜନ କମ୍ କରେ: ଫାଇବରରେ ଭରପୁର ଥିବା ବାଦାମ ଓ ଗୁଡ ଖାଇବା ଫଳରେ ଏଥିରେ ଥିବା ଏନର୍ଜୀ ମେଟାବଲିଜିମ ବୁଷ୍ଟ ମଧ କରିଥାଏ । ଫଳରେ ଓଜନକୁ କମ୍ କରିବାରେ ସହାୟକ ହୋଇଥାଏ ।

ଦାନ୍ତ ମଜବୁତ କରେ: ପ୍ରୋଟିନ୍ ଓ କ୍ୟାଲସିୟମରେ ଭରପୁର ବାଦାମ ଓ ଗୁଡକୁ ଖାଇବା ଦ୍ୱାରା ଦାନ୍ତ ମାଢ଼ି ମଜବୁତ ହେବା ସହିତ ଦାନ୍ତ ରୋଗରୁ ମୁକ୍ତି ମିଳିଥାଏ ।

କେଶ ଓ ସ୍କିନ୍ ପାଇଁ ଲାଭଦାୟକ: ଏହା ବଡି ଟକ୍ସିନକୁ ବାହାର କରିଦେବା ଯୋଗୁଁ ଦେହର ରଙ୍ଗ ଗୋରା ହୋଇଥାଏ । ଏଥି ସହିତ ବାଦାମ ଓ ଗୁଡ ଖାଇବା ଫଳରେ କେଶରେ ଚମକ ଆସିଥାଏ ।

## ଟିକିଏ ହସନ୍ତୁ

ସ୍ତ୍ରୀ ହଠାତ୍ ସ୍ୱାମୀଙ୍କ ଗାଲକୁ ଚାପୁଡା ମାରିଲେ ।
ସ୍ୱାମୀ(ହଡବଡ଼େଇ ଯାଇ) : ମତେ ମାରିଲ କହିକି ? ମୋର ଦୋଷ କ'ଣ ?
**ସ୍ତ୍ରୀ :** ତୁମ ଗାଲରେ ଗୋଟେ ମଶା ବସିଥିଲା । ମୁଁ ବଞ୍ଚିଥିବା ପର୍ଯ୍ୟନ୍ତ ଆଉ କେହି ତୁମର ରକ୍ତ ଶୋଷୁ ତାହା ମୁଁ ସହି ପାରିବିନି ।

× × × ×

ରାଜେଶ ଝିଅ ଦେଖିବାକୁ ଯାଇଥାଏ ।
ଭାବିଲା ଇଂଲିଶରେ କଥା ହେବ ।
ତେଣୁ ଝିଅକୁ ଇଂଲିଶ ଚଳିବ ତ ?
**ଝିଅ :** ଭଲ ଚାଖଣା ଥିଲେ ଦେଶୀ ବି ଚଳିବ ।

× × × ×

କଲେଜକୁ ନୂଆ ଆସିଥିବା ଜଣେ ଝିଅକୁ ଯୁବକ- ତୁମ ନାମ କ'ଣ ?
**ଝିଅ :** ମତେ ସମସ୍ତେ ଦିଦି ଡାକନ୍ତି ।
ଯୁବକ: ଆରେ ବାଃ କି ସଂଯୋଗ, ମତେ ତ ସମସ୍ତେ ଜିଜୁ ଡାକନ୍ତି ।

× × × ×



**ସୋନୁ :** ମାମା ମୁଁ କଇଁଚି ପାଉନି । ତମେ ଟିକେ ତମ ଜିଭରେ ଏଇ ସୂତାଟା କାଟିଦେଲ ।
**ମାମା :** ମୁର୍ଖ, ଜିଭରେ କେମିତି କାଟିବ ?
**ସୋନୁ ;** ବାପା ତ କାଲି କହୁଥିଲେ ତୋ ମାମାର ଜିଭ କଇଁଚି ଭଳି ଚାଲୁଛି । ପ୍ଲିଜ୍ କାଟିଦିଅ ନା ।

× × × ×

ଶିକ୍ଷକ ରାଗିକି ଗୋପୀକୁ : ତୁ ମୋ ମୁଣ୍ଡ ଖରାପ କରି ସାରିଲୁଣି ।,କାଲି ଯେମିତି ବି ହେଉ ତୋ ବାପାଙ୍କ ସହ ଦେଖା କରିବି ।
**ଗୋପୀ :** ମୋ ବାପାଙ୍କ ସହ କାହିଁକି ଦେଖା କରିବେ, ମୋ ଦାଦାଙ୍କୁ ଦେଖା କରନ୍ତୁ ।
**ଶିକ୍ଷକ :** କାହିଁକି ? ତୋ ବାପା ଘରେ ନାହାନ୍ତି କି ?
**ଗୋପୀ :** ନା । ମୋ ଦାଦା ଡାକ୍ତର, ବାପା ନୁହେଁ ।

× × × ×

ନିଶା ନିବାରଣ କେନ୍ଦ୍ରର କର୍ମକର୍ତ୍ତା ଏକ ଗଧ ସାମ୍ନାରେ ବାଲ୍‌ଟିଏ ପାଣି ଓ ଏକ ବୋତଲ ମଦ ରଖିଲେ । ଗଧଟି ବାଲଟିର ପାଣି ପିଇଲା । ମଦକୁ ଛୁଇଁଲା ନାହିଁ ।
ଏହାପରେ କର୍ମକର୍ତ୍ତା ନିଶା ଛଡାଇବାକୁ ଆସିଥିବା ବ୍ୟକ୍ତିଙ୍କୁ ଏଥିରୁ କ'ଣ ବୁଝିଲ ?
ନିଶା ଛଡାଇବାକୁ ଆସିଥିବା ବ୍ୟକ୍ତି: ଏଥୁରୁ ଜଣାପଡିଲା ଯେ, ଯିଏ ମଦ ନ ପିଅନ୍ତି ସେ ଗଧ ।

# ଅଁଳାର ଉପକାରିତା

ହର୍ବାଲ ଔଷଧ ମଧ୍ୟରେ ଅଁଳା ଅନ୍ୟତମ । ଏହାର ବ୍ୟବହାର ପ୍ରାଚୀନ କାଳରୁ ଦୁରାରୋଗ୍ୟ ରୋଗର ଚିକିତ୍ସା ଏବଂ ସୌନ୍ଦର୍ଯ୍ୟ ପାଇଁ କରାଯାଇ ଆସୁଛି । ଭିଟାମିନ୍, ଫାଇବର, କ୍ୟାଲସିୟମ ଏବଂ କାର୍ବୋହାଇଡ୍ରେଟ୍ ଭଳି ତତ୍ତ୍ୱରେ ଭରପୂର ଥିବାରୁ ଏହା ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପଯୋଗୀ ।

କେଶ ପାଇଁ ଉପାଦେୟ: କେଶର ପ୍ରାକୃତିକ ଚମକ୍ ବଜାୟ ରଖିବାକୁ ଅଁଳା ବେଶ୍ ଫାଇଦା ଦେଇଥାଏ । ଏହାଛଡ଼ା କେଶ ଝଡା ଏବଂ କେଶ ପାଚିବା ସମସ୍ୟାରୁ ବି ରକ୍ଷା କରିଥାଏ । ଯଦି ପୂର୍ବ ତୁଳନାରେ ଆପଣଙ୍କ କେଶ ଅଧିକ ଶୁଷ୍କ ଏବଂ ଦୋମୁହାଁ ଦେଖାଯାଉଥାଏ ତେବେ ଅଁଳା ତେଲ ଭଲ କାମ କରିବ । ଏହା କେଶରେ ଉତ୍ତମ କଣ୍ଡିସନର ଭାବେ କାମ କରିଥାଏ ।

**ଦୃଷ୍ଟିଶକ୍ତି ବୃଦ୍ଧିରେ ସହାୟକ:** ଅଁଳା ଆଖି ପାଇଁ ବରଦାନ । ଏଥିରେ



ମହଜୁଦ୍ ତତ୍ତ୍ୱ ଆଖିର ରଶ୍ମିକୁ ବର୍ଷ ବର୍ଷ ପର୍ଯ୍ୟନ୍ତ ସତେଜ ରଖିଥାଏ । ସକାଳୁ ଖାଲି ପେଟରେ ଅଁଳା ରସ ପିଇଲେ ଦୃଷ୍ଟିଶକ୍ତି ଶୀଘ୍ର ହ୍ରାସ ପାଇ ନ ଥାଏ । ପ୍ରତିଦିନ ଏକ ଚାମଚ ଅଁଳା ଗୁଣ୍ଡରେ ମହୁ ମିଶାଇ ଖାଇଲେ ମୋତିଆବିନ୍ଦୁ ସମସ୍ୟାରୁ ରକ୍ଷା ମିଳେ ।

**ମଧୁମେହ ନିୟନ୍ତ୍ରଣକାରୀ:** ଯଦି ଆପଣ ମଧୁମେହରେ ପୀଡିତ, ତେବେ ଅଁଳା ଆପଣଙ୍କ ପାଇଁ ବେଶ ଭଲ କାମ କରିବ । ମଧୁମେହ ରୋଗୀ ଅଁଳା ରସକୁ ମହୁ ସହ ସେବନ କଲେ ଏହା ଉପରେ ନିୟନ୍ତ୍ରଣ ପାଇ ପାରିବେ ।

**ଏସିଡିଟିରୁ ରକ୍ଷା:** ଅଁଳା ରସ ଆପଣ ବାହାରୁ ମଧ କିଣି ପାରିବେ । ନଚେତ୍ ଘରେ ଏହାକୁ ବାଟି ତାଜା ରସ ବାହାର କରିପାରିବେ । ଏସିଡିଟିରୁ ରକ୍ଷା ପାଇବାକୁ ଚାହୁଁଥିଲେ ଖାଲି ପେଟରେ ଅଁଳା ରସ ଦୈନନ୍ଦିନ ପିଅନ୍ତୁ । ନଚେତ୍ ପ୍ରତିଦିନ ଦୁଇ ତିନୋଟି ଅଁଳା ପ୍ରତିଦିନ ଚୋବାନ୍ତୁ । ଏହାଦ୍ୱାରା ପେଟଜନିତ କୌଣସି ସମସ୍ୟା ଥିଲେ ମୁକ୍ତି ମିଳିବ ।

**ପଥରୀ ସମସ୍ୟା ଦୂର:** ପଥରୀ ହେଲେ ଅଁଳା ସେବନ କରିବା ଉଚିତ୍ । ଏହାର ଚୂର୍ଣ୍ଣକୁ ସେବନ କଲେ ପଥରୀ ନିଷ୍କାସିତ ହୋଇଯାଏ । ଏଥିରେ ଅଲବୁମିନ୍ ଏବଂ ସୋଡିୟମ କ୍ଲୋରାଇଡ୍ ବହୁତ କମ୍ ମାତ୍ରାରେ ମିଳିଥାଏ, ଯେଉଁ କାରଣରୁ କିଡନୀ ଷ୍ଟୋନର ଉପଚାର ଦିଗରେ ବିଶେଷ ଲାଭଦାୟକ ସାବ୍ୟସ୍ତ ହୋଇଥାଏ ।

**ରକ୍ତଅଭାବ ପୂରଣ କରେ:** ରକ୍ତରେ ହିମୋଗ୍ଲୋବିନ୍ କମ୍ ହୋଇଥିଲେ ପ୍ରତିଦିନ ଅଁଳା ରସର ସେବନ କରିବା ବେଶ୍ ଲାଭଦାୟକ ସାବ୍ୟସ୍ତ ହୋଇଥାଏ । ଏହା ଶରୀରରେ ଲାଲରକ୍ତ କଣିକା ତିଆରିରେ ସାହାଯ୍ୟ କରିଥାଏ । ଏହାସହ ରକ୍ତ ଅଭାବ ହେବାକୁ ଦିଏନାହିଁ ।

**ଶରୀର ଉତ୍ତାପ ହ୍ରାସ କରେ:** ଶରୀରରେ ଉତ୍ତାପ ବୃଦ୍ଧି ହେଲେ ଅଁଳା ରସ ସେବନ କରିବା ଉଚିତ୍ । ଏହାଦ୍ୱାରା ଶରୀରକୁ ଥଣ୍ଡା ଅନୁଭୂତ ହୋଇଥାଏ ।

**ସ୍ମୃତିଶକ୍ତି ବୃଦ୍ଧି କରେ:** ଯଦି ଆପଣ କୌଣସି କଥା ଭୁଲିଯାଉଛନ୍ତି କିମ୍ବା ଆପଣଙ୍କ ସ୍ମରଣ ଶକ୍ତି ହ୍ରାସ ପାଉଛି, ତେବେ ଅଁଳା ସେବନ ଦ୍ୱାରା ଏ ସମସ୍ୟାରୁ ସହଜରେ ରକ୍ଷା ପାଇପାରିବେ ।

# ଉପବାସ କମାଏ ହୃଦ୍‌ରୋଗ ଆଶଙ୍କା

ଆଜିର ସମୟରେ ଚିନ୍ତାଜନକ ହେଉଛି ହୃଦ୍‌ରୋଗ, ଯାହାର ବଡ଼ କାରଣ ଶାରୀରିକ ପରିଶ୍ରମର ଅଭାବ, ଧୂମ ଓ ନିଶା ସେବନ, ମାନସିକ ଚାପ, ଖାଦ୍ୟପେୟ ଓ ବିଶ୍ରାମର ଅନିୟମିତତା । ବର୍ତ୍ତମାନ ସମୟରେ ଅଧିକାଂଶ ଯୁବବର୍ଗ ହୃଦ୍‌ରୋଗର ଶିକାର ହେଉଛନ୍ତି । ଅନ୍ତତଃପକ୍ଷେ ମାସକୁ ଥରେ ଉପବାସ ରହିବା ଦ୍ୱାରା ହୃଦ୍‌ଘାତ ଆଶଙ୍କା ହ୍ରାସ ପାଏ ବୋଲି ସିଡନୀ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ମତ ଦେଇଛନ୍ତି । ଅନ୍ୟପକ୍ଷରେ ଅଲିଭ୍ ତେଲ ହୃତ୍‌ପିଣ୍ଡ



ଜନିତ ସମସ୍ୟା ହ୍ରାସ କରିପାରେ । ହଳଦୀରେ ଥିବା କୁର୍କୁମିନ୍ ନାମକ ଔଷଧୀୟ ପଦାର୍ଥ ହୃଦ୍‌ରୋଗରୁ ରକ୍ଷା କରିଥାଏ । ଏଥିପାଇଁ ଚାପମୁକ୍ତ ସନ୍ତୁଳିତ ଜୀବନଶୈଳୀ ଅନୁସରଣ କରନ୍ତୁ । ନିଶାଦ୍ରବ୍ୟ ସେବନ ଠାରୁ ଦୂରେଇ ରୁହନ୍ତୁ । ଦୈନିକ ଅତିକମ୍‌ରେ ଅଧଘଣ୍ଟା ବ୍ୟାୟାମ କରନ୍ତୁ । ଆବଶ୍ୟକଠାରୁ ଅଧିକ ଓଜନ ଥିଲେ, ତାହାକୁ କେମିତି ସନ୍ତୁଳିତ କରିବେ ଜାଣିହେବ ସେଥିପାଇଁ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ ।

## ଆପଣ ଜାଣନ୍ତି କି ?

- ଦିନ ଅପେକ୍ଷା ରାତି ସମୟରେ ମସ୍ତିଷ୍କ ଅଧିକ ସକ୍ରିୟ ରହେ ।
- ଜନ୍ମ ପରେ ନାକ, କାନର ଆକାର ବଢ଼ିଥାଏ, ଆଖିର ଆକାର ସ୍ଥିର ରହେ ।
- ଜିଭ ସର୍ବାଧିକ ଶକ୍ତିଶାଳୀ । ମାଂସପେଶୀ ଓ ମାଢ଼ି ଅସ୍ଥି ସବୁଠୁ ଟାଣ ।
- ପୁରୁଷ ଶରୀରର ଆନୁମାନିକ ରକ୍ତ ପରିମାଣ ୬.୮ ଲିଟର୍ ଓ ମହିଳାଙ୍କର ପାଞ୍ଚ ଲିଟର ।
- ରକ୍ତପ୍ରବାହ ହେଉ ନ ଥିବା ଏକ ମାତ୍ର ଅଙ୍ଗ ଆଖିର କର୍ନିଆ, ଏହା ବାୟୁମଣ୍ଡଳର ଅମ୍ଳଜାନ ନିଏ ।
- ପୁରୁଷଙ୍କ ତୁଳନାରେ ମହିଳାଙ୍କ ହୃଦ୍‌ସ୍ପନ୍ଦନ ଅଧିକ କ୍ଷିପ୍ର, ଆଘ୍ରାଣ ଶକ୍ତି ବି ଅଧିକ ।
- ପ୍ରତି ମିନିଟରେ ତିନି ଶହ ନିୟୁତ କୋଷ ଶରୀରରେ ସମାଧି ନିଅନ୍ତି ଏବଂ ଦିନକୁ ତିନି ଶହ କୋଟି ନୂଆ କୋଷ ଜନ୍ମ ହୁଅନ୍ତି ।
- ଶରୀରର ସମୁଦାୟ ଅସ୍ଥିର ଅଧା ରହିଛି କେବଳ ହାତ ଓ ପାଦରେ ।
- ଜୀବନକାଳ ମଧ୍ୟରେ ଜଣେ ମଣିଷର ଜିଭରୁ ଝରୁଥିବା ସମୁଦାୟ ଲାଳ ଦୁଇଟି ସନ୍ତରଣ କୁଣ୍ଡ ପାଇ ଯଥେଷ୍ଟ ।
- ଦଶ ବର୍ଷରେ ଥରେ କଙ୍କାଳର ଗଠନ ପ୍ରକ୍ରିୟାରେ ସ୍ୱତଃପରିବର୍ତ୍ତନ ଘଟେ ।
- ହୀରାକୁଦ ପୃଥିବୀର ଦୀର୍ଘତମ ଡ୍ୟାମ୍ ହୋଇଥିବା ବେଳେ ଏସିଆର ସବୁଠାରୁ ବଡ଼ କୃତ୍ରିମ ହ୍ରଦ ।

# ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ କଦଳୀ

ପାଚିଲା କଦଳୀ ତ ଖାଇବାକୁ ସମସ୍ତଙ୍କୁ ଭଲ ଲାଗେ । ନିୟମିତ ଖାଦ୍ୟରେ କେବଳ ପାଚିଲା ନୁହେଁ ବରଂ କଞ୍ଚା କଦଳୀକୁ ମଧ ସାମିଲ୍ କରନ୍ତୁ । କାରଣ ଏଥିରେ ପୋଟାସିୟମ



ଭରପୁର ମାତ୍ରାରେ ରହିଥାଏ । ଯାହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ସହିତ ଫୁର୍ତ୍ତି ମଧ ରଖିଥାଏ । ଏଥିରେ ଥିବା ଭିଟାମିନ ବି-୬ ଓ ଭିଟାମିନ୍ ସି' ଶରୀରର କୋଶିକାଗୁଡିକୁ ପୋଷଣ ଯୋଗେଇଥାଏ । କଞ୍ଚା କଦଳୀରେ ଆଣ୍ଟି ଅକ୍ସିଡାଣ୍ଟ ରହିଛି । ଫଳରେ ପ୍ରତିଦିନ ଗୋଟିଏ କଞ୍ଚାକଦଳୀ ଖାଇବା ଶରୀର ପାଇଁ ଖୁବ୍ ଲାଭଦାୟକ ହୋଇଥାଏ । କୋଷ୍ଠକାଠିନ୍ୟ ସମସ୍ୟା ରହୁଥିଲେ କଞ୍ଚା କଦଳୀ ବେଶ୍ ଲାଭଦାୟକ । ମଧୁମେହ ରୋଗରେ ପୀଡିତ ଲୋକେ କଞ୍ଚା କଦଳୀ ଖାଇବା ଉଚିତ । ଏହାଦ୍ୱାରା ମଧୁମେହକୁ ନିୟନ୍ତ୍ରିତ କରି ହୁଏ । ପ୍ରତିଦିନ କଞ୍ଚା କଦଳୀ ଖାଇବା ଦ୍ୱାରା ପାଚନ କ୍ରିୟା ସହଜ ହୋଇଥାଏ । କଞ୍ଚାକଦଳୀରେ କ୍ୟାଲସିୟମ ବି ରହିଛି । ଯାହା ହାଡ଼କୁ ମଜଭୁତ ରଖିବାରେ ସହାୟକ ହୋଇଥାଏ ।

# ଉପକାରୀ ପିଆଜ

ପିଆଜ ଭିଟାମିନ୍-ଏ, ବି, ଓ ସିରେ ଭରପୂର । ଏଥିରୁ ଫୋଲିକ୍ ଏସିଡ୍, କ୍ୟାଲସିୟମ, ଫସଫରସ୍, ମାଗ୍ନେସିଅମ୍, କ୍ରୋମିଅମ୍, ଆଇରନ୍ ମଧ ମିଳେ । ଏହା ତନ୍ତୁ ବହୁଳ । ଏହାର ଗୁଣ ଅନେକ । ଆଣ୍ଠୁ ଗଣ୍ଠି ପୀଡ଼ା ହେଉଥିଲେ, ସୋରିଷ ତେଲରେ ପିଆଜ ରସ



ମିଶାଇ ମାଲିସ କରନ୍ତୁ । ମୁହଁରେ ଦାଗ ଥିଲେ ପିଆଜ ରସ ନିୟମିତ ଲଗାନ୍ତୁ । ଦାଗ ଚାଲିଯିବ । ବିଛଣାରେ ୨ବୁନ୍ଦା ପିଆଜ ରସ ପକାଇ ପରୀକ୍ଷା କରନ୍ତୁ, ମଶା ଲାଗିବେ ନାହିଁ ।

# ଲବଙ୍ଗରେ ଯନ୍ତ୍ରଣା ଦୂର

ଲବଙ୍ଗ ସବୁ ମସଲା ଭିତରେ ଆକାରରେ ବହୁତ ଛୋଟ ହେଲେ ବି ହଳଦୀଗୁଣ୍ଡ ଓ ଅନ୍ୟ ମସଲାଗୁଣ୍ଡରେ ଏହାର ଗୁଣ୍ଡକୁ ମିଶାଇ ଖାଦ୍ୟରେ ଖାଇଥାନ୍ତି । ଏହା ଶରୀରର ଯନ୍ତ୍ରଣାକୁ ଦୂରେଇଦିଏ । ଦାନ୍ତ ବିନ୍ଧୁଥିଲେ ଏହା ଦ୍ୱାରା ଚିକିତ୍ସା କରାଯାଇ ପାରିବ । ଲବଙ୍ଗ ତେଲକୁ ଯନ୍ତ୍ରଣା ହେଉଥିବା ଦାନ୍ତ ମୂଳରେ ଘଷିଲେ ଦାନ୍ତ ବିନ୍ଧା ଦୂର ହୋଇଯିବ । ଏହା ହଜମ ଶକ୍ତି ବୃଦ୍ଧି କରେ ।



ଶରୀରର ଆଳସ୍ୟପଣକୁ ଦୂରେଇଦିଏ । ବାନ୍ତି ହେବା ସମସ୍ୟାକୁ ମଧ ଏହା ଦୂରେଇ ଦିଏ । ଯଦି ଆପଣ ଅଧିକ ଟେନ୍‌ସନ୍‌ରେ ଥିବେ ତେବେ କିଛି ପାଣିରେ ତୁଳସୀ ପତ୍ର, ପୋଦିନା ପତ୍ର ଓ ଲବଙ୍ଗ ପକାଇ ଗରମ କରନ୍ତୁ । ଏହି ଗରମ ପାଣିରେ ନାଲି ଚା' କରନ୍ତୁ । ଏଥିରେ ଏକ ଚାମଚ ମହୁ ମିଶାଇ ପିଅନ୍ତୁ । ଏହା ଶୀଘ୍ର ଚିନ୍ତାରୁ ମୁକ୍ତ କରିଥାଏ ।

# କହିପାରିବେ କି ?

(୧) ଭାରତରେ ଥିବା ସମୁଦାୟ ଉପକୂଳବର୍ତ୍ତୀ ଅଞ୍ଚଳର ଦୈର୍ଘ୍ୟ କେତେ ?
(୨) ଭାରତର କେତୋଟି ରାଜ୍ୟରେ ଉପକୂଳବର୍ତ୍ତୀ ଅଞ୍ଚଳ ରହିଛି ?
(୩) କେଉଁ ରାଜ୍ୟରେ ସବୁଠାରୁ ଦୀର୍ଘତମ ସମୁଦ୍ର ତଟବର୍ତ୍ତୀ ଅଞ୍ଚଳ ରହିଛି ?
(୪) ପଶ୍ଚିମରେ ଥିବା ସମୁଦ୍ର ତଟବର୍ତ୍ତୀ ଅଞ୍ଚଳର ପ୍ରସ୍ଥ କେତେ ?
(୫) ଦ୍ୱିତୀୟ ଦୀର୍ଘତମ ସମୁଦ୍ର ତଟବର୍ତ୍ତୀ ଅଞ୍ଚଳ କେଉଁ ରାଜ୍ୟରେ ରହିଛି ?
(୬) ପୃଥିବୀର ଏକମାତ୍ର ପ୍ରାକୃତିକ ଉପଗ୍ରହର ନାମ କ'ଣ ?
(୭) ଜାପାନ ଉପରେ ପରମାଣୁ ବୋମା କେବେ ପଡ଼ିଥିଲା ?
(୮) ସଂଯୁକ୍ତ ରାଷ୍ଟ୍ର ୟୁଏନ୍‌ଓର ସୁରକ୍ଷା ପରିଷଦରେ କେତେଜଣ ସଦସ୍ୟ ଅଛନ୍ତି ?
(୯) ସିନ୍ଧୁ ସଭ୍ୟତାର କେଉଁ ସ୍ଥାନ ଏବେ ପାକିସ୍ତାନରେ ଅଛି ?
(୧୦) ଭୂଦାନ ଆନ୍ଦୋଳନ କିଏ ଆରମ୍ଭ କରିଥିଲେ ?

## JUMBLE WORDS

| | | | |
|---|---|---|---|
| 1) TMRUET | = | 6) NELPES | = |
| 2) NFSUUG | = | 7) CNASK | = |
| 3) GVILI | = | 8) CHAMT | = |
| 4) NOYEM | = | 9) NOUFED | = |
| 5) LAXHEE | = | 10) PWUFOR | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ? ର ଉତ୍ତର :-**

୧.ଡିସେମ୍ବର ୨୪, ୨.ମୁମ୍ବାଇ, ୩.ମନୁ ସାହାଣୀ, ୪.ଜାନୁଆରୀ ୧୨, ୫.ମନମୋହନ ସିଂହ, ୬.ନଭେମ୍ବର ୧୯, ୭.ଭୋଡାଫୋନ୍ ସଖୀ, ୮.ମେଡୱାଚ , ୯.ଜବାହାର ଲାଲ ନେହେରୁ, ୧୦.୧୯୩୦ ।

***Jumble Words*** **ର ଉତ୍ତର :-**

(1) LARVA (2) SWIFT (3) GROUCH (4) SKINNY (5) LATCH (6) CRIMP (7) GLADLY (8) ODDEST (9) ETHIC (10) PLANK

# କଲେକ୍ଟୋରେଟ୍ ଆଗରେ ବିଜେପିର ବିକ୍ଷୋଭ ସମାବେଶ





ସମ୍ବଲପୁର : ଜିଲ୍ଲା ପ୍ରଶାସନର ଭ୍ରଷ୍ଟାଚାର ଏବଂ ଦୁର୍ନୀତି ପାଇଁ ସମ୍ବଲପୁର ମହାନଗର ନିଗମ ଅଧିବାସୀ ଦୀର୍ଘ ୧୦ ବର୍ଷ ହେଲା ପ୍ରତାରିତ ହୋଇଆସିଛନ୍ତି । ବିନା ନିର୍ବାଚନରେ ପ୍ରଶାସନିକ ଅଧିକାରୀଙ୍କ ଦ୍ୱାରା ପରିଚାଳିତ ମହାନଗର ନିଗମ ଦୁର୍ନୀତିର ଗନ୍ତାଘର ସାଜିଛି । କେନ୍ଦ୍ର ସରକାର ଗରିବଙ୍କୁ ଛାତ ଖଣ୍ଡିଏ ଦେବାକୁ ରାଜ୍ୟକୁ ହଜାର ହଜାର କୋଟି ଦେଉଥିବା ବେଳେ ତାହାକୁ ହଡପ କରାଯାଉଛି । ଏହି ଭ୍ରଷ୍ଟାଚାର ବନ୍ଦ ନ ହେଲେ ଦୁର୍ବାର ଆନ୍ଦୋଳନ ହେବ ବୋଲି ଜିଲ୍ଲା ବିଜେପି ପକ୍ଷରୁ ଆୟୋଜିତ ଜିଲ୍ଲାପାଳଙ୍କ ଅଫିସ ଆଗରେ ବିଶାଳ ବିକ୍ଷୋଭ ସମାବେଶ କରି ଚେତାବନୀ ଦିଆଯାଇଛି ।

ଜିଲ୍ଲା ସଭାପତି ଗିରିଶ ପଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାବେଶରେ ରେଙ୍ଗାଲି ବିଧାୟକ ନାଉରୀ ନାଏକ ରାଜ୍ୟ ସରକାର ଏବଂ ସମ୍ବଲପୁର ଜିଲ୍ଲା ପ୍ରଶାସନ ଉପରେ ବର୍ଷିଛନ୍ତି । ୧୦ ବର୍ଷ ପରେ ବି ସମ୍ବଲପୁର ମହାନଗରବାସୀ ସାମାନ୍ୟତମ ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି । ଲାଞ୍ଚ ନ ଦେଲେ ଫାଇଲ ଗଡୁନି । କେନ୍ଦ୍ର ସରକାରଙ୍କ ସବୁ ଅନୁଦାନକୁ ହଡପ କରାଯାଉଛି । ଏ ଦୁର୍ନୀତି ଏବଂ ଭ୍ରଷ୍ଟାଚାର ବିରୋଧରେ ବିଜେପିର ଲଢେଇ ଅବ୍ୟାହତ ରହିବ ବୋଲି ସେ ଚେତାବନୀ ଦେଇଥିଲେ ।

ଏହି ସମାବେଶରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସାଧାରଣ ସମ୍ପାଦକ ସୀମାଞ୍ଚଳ ଖଟେଇ, ରାଜ୍ୟ ସଂପାଦକ ଟଙ୍କଧର ତ୍ରିପାଠୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରାମଚନ୍ଦ୍ର ମେହେର, ଦାମୋଦର କର, ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ସମୀର ରଞ୍ଜନ ବାବୁ, ମହିଳା ମୋର୍ଚ୍ଚା ସଭାନେତ୍ରୀ ଅନ୍ନପୂର୍ଣ୍ଣା ବାରିକ, ଯୁବ ମୋର୍ଚ୍ଚା ସଭାପତି ଅଶ୍ୱିନୀ ମାଝୀ, ମଣ୍ଡଳ ସଭାପତି ସରୋଜ କୁମାର ଘଡେଇ, ଜୟନ୍ତ ଦାସ, ନୀଳାମ୍ବର ସିକନ୍ଦର ପ୍ରମୁଖ ଉଦବୋଧନ ଦେଇ ସରକାରଙ୍କ ବିରୋଧରେ ଗର୍ଜିଥିଲେ ।

ସମ୍ବଲପୁର ମହାନଗର ନିଗମରେ ହେଉଥିବା ବ୍ୟାପକ ଦୁର୍ନୀତି ଭ୍ରଷ୍ଟାଚାର ଓ ପ୍ରିୟାପ୍ରୀତି ତୋଷଣକୁ ବନ୍ଦ କରିବା, ସଫେଇ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା, ପ୍ରକୃତ ହିତାଧୀକାରୀଙ୍କୁ ଚିହ୍ନଟ କରି ଯଥା ଶୀଘ୍ର ସ୍ଥାୟୀ ପଟ୍ଟା ପ୍ରଦାନ କରିବା, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ଯୋଗାଇ ଦେବା, ସମସ୍ତ ରାସ୍ତା ଓ ନାଳିକୁ ମରାମତି କରାଯାଉ, ସମସ୍ତ କୋଣ ଅନୁକୋଣରେ ଷ୍ଟ୍ରିଟ ଲାଇଟ୍ ବ୍ୟବସ୍ଥା କରାଯାଉ, ଜନଗହଳି ପୂର୍ଣ୍ଣ ସ୍ଥାନରେ ଶୌଚାଳୟର ବ୍ୟବସ୍ଥା କରାଯାଉ, ସମସ୍ତ ପରିବାରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯାଉ, ବ୍ୟବସାୟୀଙ୍କ ଉପରେ ଲଦା ଯାଇଥିବା ଟ୍ରେଡ୍ ଲାଇସେନ୍ସ ଫି ପ୍ରତ୍ୟାହାର ସମେତ ତୁରନ୍ତ ମାତୃମଙ୍ଗଳ କେନ୍ଦ୍ରକୁ ମେଟର୍ନିଟି ହସପିଟାଲରେ ପରିଣତ କରି କାର୍ଯ୍ୟକ୍ଷମ କରିବା ଆଦି ଦାବି ଉପସ୍ଥାପନ କରାଯାଇଛି । କର୍ମୀମାନେ ବିଶାଳ ଶୋଭାଯାତ୍ରାରେ ଆସି ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ସଭା କରିଥିଲେ । ଅନ୍ୟ ମାନଙ୍କ ମଧରେ ଆଶିଷ ହୋତା, ମାନସ ରଞ୍ଜନ ବକ୍ସି, ଶମ୍ଭୁବରେଲିଆ, ନରେନ୍ଦ୍ର ମିଶ୍ର, ଅରୁଣ କୁମାର ଦାସ, ପ୍ରଦୀପ କୁମାର ବେହେରା ପ୍ରମୁଖ ବହୁ ନେତା ସାମିଲ ହୋଇଥିଲେ ।

## ସୋନପୁରରେ ।ରଜ୍ୟସ୍ତରୀୟ ନୌଚାଳନା ପ୍ରତିଯୋଗିତା

ସୋନପୁର : କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ସୋନପୁର ବଡବଜାର ତେନ୍ତୁଳିଘାଟ ଭାଗବତ ପାଠଗାର ଆନୁକୂଲ୍ୟରେ ତେନ୍ତୁଳିଘାଟ ମହାନଦୀ ଗଣ୍ଡରେ ରାଜ୍ୟସ୍ତରୀୟ ନୌଚାଳନା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ସୋନପୁର, ବଲାଙ୍ଗୀର, ବୌଦ୍ଧ, ସମ୍ବଲପୁର, ବରଗଡ, ଅନୁଗୁଳ ଏବଂ ସୁନ୍ଦରଗଡ ଆଦି ଜିଲ୍ଲାର ୩୬ଟି ଦଳ ତଥା ୭୨ଜଣ ପ୍ରତିଯୋଗୀ ଭାଗ ନେଇଥିଲେ । ବରଗଡ ଜିଲ୍ଲା ତୁରୁମର ରସାନନ୍ଦ ତରିଆ ଓ ମନୋଜ ପାଣ୍ଡେ ପ୍ରଥମ, ସମ୍ବଲପୁରର ରାଧେଶ୍ୟାମ ମହାଲିକ ଏବଂ ପ୍ରଦୀପ ବାଘ ଦ୍ୱିତୀୟ ବୌଦ୍ଧ ଜିଲ୍ଲା ତେନ୍ତୁଳିପାଲିର ମୁକେଶ ବେହେରା ଏବଂ ପ୍ରମୋଦ ସେଠୀ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ । ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଅବକାରୀ ଏସପି ସୁମତି ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ପୌରାଧକ୍ଷ ପ୍ରକାଶଚନ୍ଦ୍ର ସାହୁ ଓ କଇରୁ ସ୍ୱାଇଁ, ଅଭିମନ୍ୟୁ କୁଶଳ, ପୁରୁଷୋତ୍ତମ ପାଣିଗ୍ରାହୀ, ଚକ୍ରାୟୁଧ ନାଏକ, ସିତାରାମ ମହାପାତ୍ର ପ୍ରମୁଖ ଯୋଗ ଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । ଭାଗବତ ପାଠାଗାରର ସଭାପତି ସୂର୍ଯ୍ୟନାରାୟଣ ବେହେରାଙ୍କ ସଭାପତିତ୍ୱରେ ପୁରସ୍କାର ବିତରଣ କରାଯାଇଥିଲା । ଏଥିରେ ପାଠାଗାରର ସମ୍ପାଦକ ପବିତ୍ର କୁମାର ସାହୁ, ଉପସଭାପତି ହିମାଂଶୁ ନାଏକ, କୋଷାଧକ୍ଷ ବୃଷଭ ବୁଡେକ, ବୈଦ୍ୟନାଥ ସାହୁ, ମୁନା ବାରିକ, ସିଦ୍ଧାର୍ଥ ସାହୁ, ଚନ୍ଦନ ସେଠୀ, ପ୍ରଶାନ୍ତ ପାଣ୍ଡେ, ଜିତେନ୍ଦ୍ର ନାଏକ ପ୍ରମୁଖ ସହଯୋଗ କରିଥିଲେ । ସଞ୍ଜୟ ସାହୁ ନୌଚାଳନା ପ୍ରତିଯୋଗିତା ପରିଚାଳନା କରିଥିଲେ ।

## 'ଓଡ଼ିଶା ଗୌରବ ଚନ୍ଦ୍ରଶେଖର ବେହେରା' ପୁସ୍ତକ ଲୋକାର୍ପିତ



ସମ୍ବଲପୁର : ଓଡ଼ିଶା ସାଂସ୍କୃତିକ ସମାଜ ପକ୍ଷରୁ ଚନ୍ଦ୍ରଶେଖର ବେହେରାଙ୍କ ୧୫୦ତମ ଜନ୍ମ ଜୟନ୍ତୀ ବର୍ଷ ପାଳନ ଅବସରରେ 'ଓଡ଼ିଶା ଗୌରବ ଚନ୍ଦ୍ରଶେଖର' ପୁସ୍ତକ ଲୋକାର୍ପିତ ହୋଇଛି । ଅନୁଷ୍ଠାନର ସଭାପତି ଅଶୋକ କୁମାର ମିଶ୍ରଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଡକ୍ଟର ସୁରେଶ ଚନ୍ଦ୍ର ଦଳେଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁସ୍ତକର ଲୋକାର୍ପଣ କରିଥିଲେ । ସମ୍ପାଦକ ଡକ୍ଟର ସିଦ୍ଧାର୍ଥ ପଣ୍ଡା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଜୟନ୍ତୀ ପାଳନ ସମିତିର ଆବାହକ ରାମାନୁଜ ପଣ୍ଡା ପୁସ୍ତକରେ ସଂକଳିତ ବିଭିନ୍ନ ବିଷୟ ତଥା ପ୍ରକାଶନର ଗୁରୁତ୍ୱ ସମ୍ପର୍କରେ ସୂଚନା ଦେବା ସହ ଧନ୍ୟବାଦ ଅର୍ପଣ କରିଥିଲେ । ସଭାରେ ଶିକ୍ଷାବିତ ଅରବିନ୍ଦ ମହାପାତ୍ର, ବରିଷ୍ଠ ସାମ୍ବାଦିକ ଅର୍ଜୁନ ରଞ୍ଜନ ପଣ୍ଡା ପ୍ରମୁଖ ଚନ୍ଦ୍ରଶେଖରଙ୍କ ଜୀବନୀ ଓ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ । ସହ ସମ୍ପାଦକ ସୁରେଖା ସାହୁ, କୋଷାଧକ୍ଷ ଦୀନବନ୍ଧୁ ପଣ୍ଡା, ପ୍ରଫୁଲ୍ଲ କୁମାର ହୋତା, ସଂଜୟ ବାବୁ, ଦିଲୀପ କୁମାର ବଘାର ପ୍ରମୁଖ ସଦସ୍ୟ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ଲଖନପୁରରେ ପ୍ରତିଷ୍ଠା ହେବ ଆଇଟିଆଇ

ଝାରସୁଗୁଡ଼ା : ଲଖନପୁରରେ ଶିଳ୍ପ ତାଲିମ କେନ୍ଦ୍ର ବା ଆଇଟିଆଇ ପ୍ରତିଷ୍ଠା କରାଯିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁମୋଦନ କରିଛନ୍ତି । ଏହି ଆଇଟିଆଇ ପ୍ରତିଷ୍ଠା ପାଇଁ ୨୪ କୋଟି ୪୮ ଲକ୍ଷ ଟଙ୍କା ଜିଲ୍ଲା ଖଣିଜ ପାଣ୍ଠିରୁ ବିନିଯୋଗ କରାଯିବ । ଏହି ନୂତନ ଆଇଟିଆଇରେ ୯ଟି ବିଷୟରେ ପ୍ରଶିକ୍ଷଣ ଦିଆଯିବ । ମଞ୍ଜୁର ହୋଇଥିବା ଅର୍ଥରେ ଏକାଡେମିକ୍ ଓ ୱାର୍କସପ୍ ବିଲ୍ଡିଂ ନିର୍ମାଣ କରାଯିବା ସହିତ ବିଭିନ୍ନ ଉପକରଣ ଓ ଯନ୍ତ୍ରପାତି କିଣାଯିବ ।

**ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା**

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

## ଅକ୍ଷତ କଳସକୁ ସମ୍ବଲପୁରରେ ଭବ୍ୟ ସ୍ୱାଗତ



ସମ୍ବଲପୁର : ଅଯୋଧାରୁ ଆସିଥିବା ଅକ୍ଷତ କଳସକୁ ବୁଢ଼ୀହିଲ୍ ସ୍ଥିତ ରାମ ମନ୍ଦିରରେ ଭବ୍ୟ ସ୍ୱାଗତ କରି ହୋମଯଜ୍ଞ କରାଯାଇଥିଲା । ରାଜୀବ ଶତପଥି ଓ ତାଙ୍କ ସହଧର୍ମିଣୀ ରୀନା ଶତପଥି କର୍ତ୍ତା ଭାବେ ଯୋଗ ଦେଇଥିଲେ । ଏହାପରେ ଅକ୍ଷତ କଳସକୁ ପୂଜା କରି ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଗୋପାଳଜୀ ମଠର ମହନ୍ତ ହୃଷିକେଶ ଦାସ ଓ ଭତରା ମଠ ମହନ୍ତ ବାସୁଦେବ ଦାସ ଯୋଗ ଦେଇ ଆଶୀର୍ବାଦ ଦେଇଥିଲେ । ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ପଶ୍ଚିମ ପ୍ରାନ୍ତ ସଂଘ ଚାଳକ ବିପିନ ବିହାରୀ ନନ୍ଦ ଯୋଗ ଦେଇ ରାମଜନ୍ମଭୂମି ଆନ୍ଦୋଳନ ଉପରେ ସୂଚନା ଦେଇଥିଲେ । ଧାର୍ମିକ ସଭାରେ ଓଡ଼ିଶା ପ୍ରାନ୍ତର ୧୭ଟି ଜିଲ୍ଲାରୁ ଆସିଥିବା ରାମଭକ୍ତଙ୍କୁ ଅକ୍ଷତ କଳସ ପ୍ରଦାନ କରାଯାଇଥିଲା । ଆସନ୍ତା ଜାନୁଆରୀ ମାସର ୨୨ ତାରିଖରେ ନିଜ ଅଞ୍ଚଳର ମନ୍ଦିରରେ ଭବ୍ୟ ଆୟୋଜନ କରିବା ସହ ୨୫ ତାରିଖରେ ମନ୍ଦିର ଦର୍ଶନ କରିବାକୁ ନିବେଦନ କରାଯାଇଛି । କାର୍ଯ୍ୟକ୍ରମରେ ବିଶ୍ୱହିନ୍ଦୁ ପରିଷଦର ସଙ୍ଗଠନ ସମ୍ପାଦକ ସତ୍ୟନାରାୟଣ ଅନାପତି, ସୁଧୀର ରଞ୍ଜନ ବହିଦାର, ରାମଚନ୍ଦ୍ର ନାୟକ, କିଶୋର ପଟେଲ, ନେପାଳ ପଣ୍ଡା, ଶ୍ରୀମନ୍ତ ପ୍ରଧାନ, ଚମ୍ପେଶ୍ୱର ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ ।

**Subscription Rate of The Sweekar**

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

**Advertisement Tariff of The Sweekar**

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |
| Colour Advertisement | - | 100% Extra |

# ଏନଏଲସି ଇଣ୍ଡିଆ ପକ୍ଷରୁ ସ୍ୱାସ୍ଥ୍ୟ ଓ ରକ୍ତଦାନ ଶିବିର





ସମ୍ବଲପୁର : ଏନ୍‌ଏଲସି ଇଣ୍ଡିଆ ଲିମିଟେଡର ତଲାବିରା ପ୍ରୋଜେକ୍ଟ ପକ୍ଷରୁ ହିରମା ଗ୍ରାମ ପଞ୍ଚାୟତର ଗରିଆଡିହି ଖେଳପଡିଆ ଠାରେ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା । ଏହି ଶିବିରରେ ୪୫୦ ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ବିଶେଷଜ୍ଞ ଡାକ୍ତରମାନଙ୍କ ଦ୍ୱାରା ଚିକିତ୍ସିତ ହୋଇଥିଲେ । ହିରମା ଗ୍ରାମ ପଞ୍ଚାୟତର ସରପଞ୍ଚ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ ।

ସେହିପରି ରେଙ୍ଗାଲି ବ୍ଲକ ଖିଣ୍ଡା ଗାଁରେ ଏନ୍‌ଏଲସି କମ୍ପାନି ଓ ବୀର ସୁରେନ୍ଦ୍ର ସାଏ ଶ୍ରମିକସଂଘ ମିଳିତ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ହୋଇଥିଲା । ଖିଣ୍ଡା ସରପଞ୍ଚ ସଂଧାରାଣୀ ପ୍ରଧାନ ଶିବିର ଉଦ୍‌ଘାଟନ କରିଥିଲେ । ଏଥିରେ ୧୨୧ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା । ଉଭୟ କାର୍ଯ୍ୟକ୍ରମରେ କମ୍ପାନୀର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଫ୍ରାଙ୍କଲିନ୍ ଏନ୍. ଜୟକୁମାର, ଡିଜିଏମ ନିରୋଜ ସିହ୍ନାଙ୍କ ସମେତ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।



# ସମ୍ବଲପୁରରେ ଜାତୀୟ ପ୍ରଦୂଷଣ ନିରାକରଣ ଦିବସ ପାଳିତ




ସମ୍ବଲପୁର : ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ର ସ୍ଥାନୀୟ ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଆଞ୍ଚଳିକ ଅଧିକାରୀ ଡକ୍ଟର ସତ୍ୟ ନାରାୟଣ ନନ୍ଦଙ୍କ ତତ୍ୱାବଧାନରେ ନେଲସନ ମଣ୍ଡେଲା ଛକଠାରେ ଜାତୀୟ ପ୍ରଦୂଷଣ ନିରାକରଣ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ଏକ ସାଇକେଲ ର୍‍ୟାଲିକୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଅଜାମ୍ବର ମହାନ୍ତି ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ର୍‍ୟାଲିରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ର କର୍ମଚାରୀ, ସମ୍ବଲପୁର ସାଇକେଲ କ୍ଲବ ଓ ବିଭିନ୍ନ ସ୍କୁଲର ଛାତ୍ର ଛାତ୍ରୀ ଲୋକଙ୍କୁ ସଚେତନ କରିବା ପାଇଁ ପ୍ଲାକାର୍ଡ ଧରି ଓ ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ ।

ଆଞ୍ଚଳିକ ଅଧିକରୀ ଡକ୍ଟର ନନ୍ଦ ବର୍ତ୍ତମାନ ସମୟରେ ବାୟୁ, ଜଳ ଓ ମୃତ୍ତିକାର ପ୍ରଦୂଷଣର ମାତ୍ରା ବୃଦ୍ଧି ପାଉଥିବାରୁ ଏହାର ମାତ୍ରାକୁ ହ୍ରାସ କରିବା ପାଇଁ ନବୀକରଣ ଯୋଗ୍ୟ ସମ୍ବଳର ବ୍ୟବହାର କରିବା, ପୁନଃ ବ୍ୟବହାର କରାଯାଉଥିବା ସାମଗ୍ରୀର ବ୍ୟବହାର କରିବା ଏବଂ ବିଦ୍ୟୁତ୍ ଓ ପ୍ରାକୃତିକ ସମ୍ବଳର ଅପଚୟକୁ ଏଡେଇବା ପାଇଁ ଆହ୍ୱାନ ଦେଇଥିଲେ । ଜିଲ୍ଲା ଶିକ୍ଷାଅଧିକାରୀ କାର୍ଯ୍ୟାଳୟର



କ୍ରୀଡ଼ା ଅଧିକାରୀ ଜଗବନ୍ଧୁ ବେହେରା, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ଆଞ୍ଚଳିକ କାର୍ଯ୍ୟାଳୟର ସମ୍ବଲପୁରର ଉପ ପରିବେଶ ଯନ୍ତ୍ରୀ ବିଶ୍ୱକାନ୍ତ ପ୍ରଧାନ, ସହକାରୀ ପରିବେଶ ଯନ୍ତ୍ରୀ ରାକେଶ କୁମାର ପଣ୍ଡା, ସହକାରୀ ପରିବେଶ ବୈଜ୍ଞାନିକ ମନୋରଞ୍ଜନ ପ୍ରଧାନ ଓ ଅନ୍ୟାନ୍ୟ କର୍ମଚାରୀ ଯୋଗ ଦେଇଥିଲେ ।

# ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ ୱେଲଫେୟାର ଟ୍ରଷ୍ଟ ଏ ପର୍ଯ୍ୟନ୍ତ ୭୦ ଜଣଙ୍କୁ ଆର୍ଥିକ ସହାୟତା ଦେଇଛି

ସମ୍ବଲପୁର : ଗତ ଦୁଇବର୍ଷରେ ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ ୱେଲଫେୟାର ଟ୍ରଷ୍ଟ ୭୦ ଜଣଙ୍କୁ ମୋଟ ୯ ଲକ୍ଷ ୪୩ ହଜାର ୯ ଶହ ୧୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛି । ସେଥିରୁ ୨୬ ଜଣଙ୍କୁ ସ୍ୱାସ୍ଥ୍ୟସେବା ପାଇଁ ମୋଟ ୪ ଲକ୍ଷ ୭ ଶହ ୬୦ ଟଙ୍କା ଏବଂ ୪୪ ଜଣଙ୍କୁ ପାଠପଢ଼ା ପାଇଁ ମୋଟ ୫ ଲକ୍ଷ ୪୩ ହଜାର ୧୫୦ ଟଙ୍କା ସହାୟତା ଦିଆଯାଇଛି । ପାଠପଢ଼ା ପାଇଁ ୯ ଜଣଙ୍କୁ ମୋଟ ୨୧ ହଜାର ୩୫୦ ଟଙ୍କାର ସହାୟତା ପ୍ରତି ମାସ ଦିଆଯାଉଛି ବୋଲି ଟ୍ରଷ୍ଟର ଅଧ୍ୟକ୍ଷ ପ୍ରଫେସର ଶଙ୍କର ପ୍ରସାଦ ପତି କହିଛନ୍ତି ।


ପ୍ରଫେସର ପତି ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ, ଓଡ଼ିଶାର ଜଣାଶୁଣା ପ୍ରସୂତୀ ଓ ସ୍ତ୍ରୀରୋଗ ବିଶେଷଜ୍ଞ, ସମାଜସେବୀ ତଥା ସମ୍ବଲପୁରର ପୂର୍ବତନ ବିଧାୟିକା ପ୍ରଫେସର (ଡାକ୍ତର) ରାସେଶ୍ୱରୀ ପାଣିଗ୍ରାହୀଙ୍କ ମାନସସନ୍ତାନ ହେଉଛି ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ ୱେଲଫେୟାର ଟ୍ରଷ୍ଟ । ଟ୍ରଷ୍ଟ ସଂସ୍ଥାପନକୁ ଇତି ମଧରେ ଦୁଇବର୍ଷ ପୂରିଛି । ପୂର୍ବତନ ବିଧାୟକ ପେନସନ ଅର୍ଥକୁ ଲୋକ କଲ୍ୟାଣ, ଖାସ କରି ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ବିନିଯୋଗ ସକାଶେ ଏକ ସୁସଂଗଠିତ ବ୍ୟବସ୍ଥା ନିମନ୍ତେ ଡାକ୍ତର ପାଣିଗ୍ରାହୀଙ୍କ ପ୍ରସ୍ତାବକ୍ରମେ ଏହି ଟ୍ରଷ୍ଟ ଗଠନ କରାଯାଇଛି । ଟ୍ରଷ୍ଟ ଦଲିଲରେ କରାଯାଇଥିବା ଅଙ୍ଗୀକାର ଅନୁଯାୟୀ ଟ୍ରଷ୍ଟ ଜାତି, ଧର୍ମ ନିର୍ବିଶେଷରେ ଅସ୍ୱଚ୍ଛଳ ବର୍ଗଙ୍କୁ ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ପାଇଁ ସହାୟତା ଯୋଗାଇ ଆସୁଛି । ଡାକ୍ତର ପାଣିଗ୍ରାହୀଙ୍କ ପୂର୍ବ ବିଧାୟକ ପେନସନ ବାବଦ ୧୦ ଲକ୍ଷ ୯୫ ହଜାର ଶହେ ୫୭ ଟଙ୍କା ଟ୍ରଷ୍ଟ ଗଠନ ସମୟର ପ୍ରଥମ ପାଣ୍ଠି ହୋଇଥିବା ବେଳେ ପରବର୍ତ୍ତୀ ସମୟରେ ପେନସନ ବାବଦ ୬ ଲକ୍ଷ ୪୦ ହଜାର ଟଙ୍କା ଟ୍ରଷ୍ଟ ପାଣ୍ଠିରେ ଯୋଡ଼ି ହୋଇଛି । ଏହାଛଡ଼ା ଡାକ୍ତର ପାଣିଗ୍ରାହୀ ଟ୍ରଷ୍ଟ ପାଣ୍ଠିକୁ ଆହୁରି ୫ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି ଓ ତାଙ୍କର ପ୍ରତି ମାସର ବିଧାୟକ ପେନସନ ଟ୍ରଷ୍ଟ ପାଣ୍ଠିରେ ଜମା ହେଉଛି । ଏଣେ ଟ୍ରଷ୍ଟର ସକ୍ରିୟତା ଓ କାର୍ଯ୍ୟଶୈଳୀରେ ଆକର୍ଷିତ ହୋଇ ୯ ଜଣ ବଦାନ୍ୟ ବ୍ୟକ୍ତି ଓ ଏକ ଅନୁଷ୍ଠାନ୍ ଟ୍ରଷ୍ଟ ପାଣ୍ଠିକୁ ମୋଟ ୫ ଲକ୍ଷ ୪୭ ହଜାର ଟଙ୍କା ଦାନ କରିଛନ୍ତି । ବର୍ତ୍ତମାନ ଟ୍ରଷ୍ଟ ପାଖରେ ୨୮ ଲକ୍ଷ ୨ ହଜାର ଶହେ ୫୭ ଟଙ୍କା ରହିଛି ବୋଲି ପ୍ରଫେସର ପତି କହିଥିଲେ ।




ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିବା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ କହିଥିଲେ ଯେ, ସମ୍ବଲପୁରବାସୀ ତାଙ୍କୁ ନିର୍ବାଚିତ କରି ବିଧାନସଭାକୁ ପଠାଇଥିଲେ । ତେଣୁ ବିଧାୟକ ପେନ୍‌ସନ୍‌ରେ ଜନସାଧାରଣଙ୍କର ଅଧିକାର ଥିବା ଚିନ୍ତାକରି ସେ ଏକ ଟ୍ରଷ୍ଟ ଗଠନ କରି ପେନସନରୁ ମିଳୁଥିବା ସମସ୍ତ ଟଙ୍କା ଟ୍ରଷ୍ଟକୁ ଦେଇ ଦେଉଛନ୍ତି । ଏହି ଅର୍ଥ ଗରିବ ଓ ମେଧାବୀ ଛାତ୍ରଛାତ୍ରୀ ତଥା ଗରିବ ରୋଗୀମାନଙ୍କ ସେବାରେ ଖର୍ଚ୍ଚ ହେଉଛି ।

# ‘ଦିନ ଅଦିନ’ ପୁସ୍ତକ ଲୋକାର୍ପିତ

ସମ୍ବଲପୁର : ବିଶିଷ୍ଟ ସଂସ୍କୃତି ଗବେଷକ ପ୍ରାଧାପକ ଡକ୍ଟର ଶ୍ୟାମ ସୁନ୍ଦର ଧରଙ୍କ ରଚିତ ‘ଦିନ ଅଦିନ’ ପୁସ୍ତକ ଲୋକାର୍ପିତ ହୋଇଛି । ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଫେସର



ଫକିର ଚରଣ ରଣା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ପୁସ୍ତକର ସମୀକ୍ଷକ ଭାବେ ବରଗଡ଼ ଜିଲ୍ଲା କଳାପାଣିର ମହାତ୍ମା ଗାନ୍ଧୀ ମେମୋରିଆଲ କଲେଜର ଅଧ୍ୟକ୍ଷ ସାହିତ୍ୟିକ ମୋହନ ସାହୁ ଯୋଗଦେଇ ଡକ୍ଟର ଧରଙ୍କ ଜୀବନୀ ଓ ପୁସ୍ତକ ଉପରେ ନିଜର ମତବ୍ୟକ୍ତ କରିଥିଲେ । ପ୍ରାରମ୍ଭରେ ଶ୍ରୀ ଧର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ ସହ ପୁସ୍ତକର ପୃଷ୍ଠଭୂମି ବାବଦରେ ସୂଚନା ଦେଇଥିଲେ । ଶେଷରେ ପ୍ରଫୁଲ୍ଲ ହୋତା ଧନ୍ୟବାଦ ଅର୍ପଣ କରିଥିଲେ ।

# ଇଷ୍ଟକୋଷ୍ଟ ରେଳବାଇର ନୂତନ ସିପିଆରଓ

ଭୁବନେଶ୍ୱର : ୨୦୧୧ ବ୍ୟାଚର ଭାରତୀୟ ରେଳ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ ସେବା ଅଧିକାରୀ ଅଶୋକ କୁମାର ମିଶ୍ର ପୂର୍ବତଟ ରେଳପଥର ନୂତନ ମୁଖ୍ୟ ଜନସଂପର୍କ ଅଧିକାରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ପୂର୍ବରୁ ସେ ପୂର୍ବତଟ ରେଳପଥର ଉପ ମହାପ୍ରବନ୍ଧକ ଭାବେ କାର୍ଯ୍ୟ କରୁଥିଲେ ।



# ରଙ୍ଗବତୀ ସଂସ୍କୃତି ଏକାଡେମି ପକ୍ଷରୁ ରଙ୍ଗବତୀ ମହୋତ୍ସବ





ସମ୍ବଲପୁର : କୁଚିଣ୍ଡା ସବଡିଭିଜନ ଅନ୍ତର୍ଗତ ରଙ୍ଗବତି ବିଲୁଙ୍ଗ ଗ୍ରାମରେ ରଙ୍ଗବତୀ ସଂସ୍କୃତି ଏକାଡେମି ପକ୍ଷରୁ ପାଞ୍ଚଦିନ ବ୍ୟାପୀ ‘ରଙ୍ଗବତୀ ମହୋତ୍ସବ’ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ ହକି ଓ ଫୁଟବଲ ଟୁର୍ଣ୍ଣାମେଣ୍ଟ ମଧ ଆୟୋଜିତ ହୋଇଥିଲା । କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ ମହୋତ୍ସବ ଉଦଘାଟନ କରିଥିବା ବେଳେ ବିଭିନ୍ନ ଦିବସରେ କୁଚିଣ୍ଡା ଉପଜିଲ୍ଲାପାଳ ବିଭୂତି ଭୂଷଣ ନାଏକ, ପିଏଆଇଟିଡିଏ ହେମସାଗର ଭୋଇ, କେସାଇବାହାଲ କଲେଜର ଅଧ୍ୟକ୍ଷ ଦୟାସାଗର ପ୍ରଧାନ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ ।

ଉଦ୍‌ଯାପନୀ ଉତ୍ସବରେ ରାଜ୍ୟମୁକ୍ତ ବିଶ୍ୱ-ବିଦ୍ୟାଳୟର କୁଳପତି ପ୍ରଫେସର ଅର୍କ କୁମାର ଦାସ ମହାପାତ୍ର ମୁଖ୍ୟ ଅତିଥି, ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ର ସମ୍ମାନିତ ଅତିଥି ଓ ଆଇନଜୀବୀ ତଥା ସାହିତ୍ୟିକ ହୃଦାନନ୍ଦ ଶର୍ମା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଏହାଛଡ଼ା ବରଗଡ଼ର ପାକ୍ଷୀକ କୋଶଳ ଟାଇମ୍ସର ସମ୍ପାଦକ ସଞ୍ଜୀବ ମହାପାତ୍ର, ବ୍ୟଙ୍ଗ କବି ଜଟାଧାରୀ ପ୍ରଧାନ, ସୁନୀଲ କୁମାର ଦାଶ, ପପୁନ ସିଂ ଠାକୁର ଓ ନିହାଲ ସିଂ ଅତିଥି ରୂପେ ମଞ୍ଚାସୀନ ଥିଲେ । ଅନୁଷ୍ଠାନର ପ୍ରତିଷ୍ଠାତା ତଥା ବିଶ୍ୱ ପ୍ରସିଦ୍ଧ ରଙ୍ଗବତୀ ଗୀତର ସ୍ରଷ୍ଟା ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆଙ୍କ ଅଧ୍ୟକ୍ଷତା ତଥା ରୀତା ପଟେଲଙ୍କ ସଂଯୋଜନାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ହକି ଓ ଫୁଟବଲ ଟୁର୍ଣ୍ଣାମେଣ୍ଟର ଚମ୍ପିୟାନ ଓ ରନସ୍‌ଅପ୍ ଦଳକୁ ପୁରସ୍କୃତ କରାଯାଇଥିଲା । ଏହାଛଡ଼ା ଓଡ଼ିଶା ସିଭିଲ୍ ସର୍ଭିସ୍ ପାଇଥିବା କୁମାରୀ ଲିପ୍ସା ପଟେଲ, ନାଟ୍ୟକାର ସୁରଥ ଚନ୍ଦ୍ର ନାୟକ, ସାହିତ୍ୟିକ ହୃଦାନନ୍ଦ ଶର୍ମା, ଅର୍ଜୁନ ମେହେର, ଆଦିବାସୀ ନୃତ୍ୟ ଗୁରୁ ଖେତୁନାଥ ପିଙ୍ଗଙ୍କୁ ଉତ୍ସବରେ ସମ୍ମାନିତ କରାଯାଇଥିଲା । ସେହିପରି ଓଡ଼ିଶୀ ନୃତ୍ୟାଙ୍ଗନା ସ୍ୱସ୍ତିକା ସମୃଦ୍ଧି ପଣ୍ଡା, ସ୍ମୃତି ପ୍ରଜ୍ଞା ଗୌନ୍ତିଆ, ବର୍ଷା ଗୌଡ଼ ଓ ଶିବାନୀ ପ୍ରଧାନଙ୍କୁ ମଧ ଏହି ଅବସରରେ ସମ୍ମାନିତ କରାଯାଇଥିଲା ।



Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 0663- 2950945
e-mail: hemantamahapatra@yahoo.com Editor : Hemanta Kumar Mahapatra